## ସଂକ୍ଷେପରେ

### ବଜ୍ରପାତରେ ଚାଷୀଙ୍କ ଜୀବନ ଗଲା

ଖୁଣ୍ଟା,୧୮।୭(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ କଳାଯମୁନା ଗ୍ରାମର ଜଣେ ଚାଷୀ ବଜ୍ରପାତରେ ମୃତୁବରଣ କରିଛନ୍ତି। ମୃତକ ହେଲେ ହାଡିବନ୍ଧୁ ଟୁଡୁ (୬୦)। ବୁଧବାର ଅପରାହ୍ନରେ ସେ ତଳି କିଆରିରେ ପାଣି ମଡ଼ାଇବାକୁ ଯାଇଥିବା ବେଳେ ବଜ୍ରପାତର ଶିକାର ହୋଇ ସେଠାରେ ପଡ଼ି ରହିଥିଲେ। ରାତିରେ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ହାଡିବନ୍ଧୁଙ୍କ କୌଣସି ଖବର ପାଇ ନ ଥିଲେ। ଗୁରୁବାର ସକାଳେ ସେ ବିଲରେ ମରି ପଡିଥିବା ଦେଖିବାକୁ ମିଳିଥିଲା। ଖବରପାଇ ଖୁଣ୍ଟା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇଛି। ଏଥିନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୬/୧୯) ରୁଜୁ ହୋଇଛି।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ରାଇରଙ୍ଗପୁର,୧୮।୭(ଡି.ଏନ୍.ଏ.): ବାଦାମପାହାଡ଼ ଥାନା ଅନ୍ତର୍ଗତ ପଣ୍ଡୁଗଣ୍ଡି ଗ୍ରାମର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ପୁଣୁଗୀ ସୋରେନ ବୋଲି ଜଣାପଡିଛି। ଅସୁସ୍ଥ ଯୋଗୁ ଗୁରୁବାର ମଧାହ୍ନ ୧୨ଟା ବେଳେ ପୁଣୁଗୀଙ୍କୁ ବାଦାମପାହାଡ଼ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ରାଇରଙ୍ଗପୁର ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

### ମାରୁତି ଶୋ'ରୁମ୍‌ରୁ ଲକ୍ଷାଧିକ ଟଙ୍କା ଲୁଟ୍

ଉଦଳା,୧୮।୭(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା ଉଦଳାରେ ଏବେ ଲୁଟେରା ଆତଙ୍କ ଦେଖାଦେଇଛି। ଗତ ଦୁଇ ସପ୍ତାହ ମଧରେ ୫ଟି ସ୍ଥାନରୁ ଲୁଟ୍ ହେବା ସ୍ଥାନୀୟ ପୋଲିସ୍ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ବୁଧବାର ବିଳମ୍ବିତ ରାତିରେ ଉଦଳାସ୍ଥିତ ମାରୁତି ସୁଜୁକି ଶୋ'ରୁମ୍‌ରୁ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି । ୭ନଂ ୱାର୍ଡରେ ଥିବା ଏହି ଶୋ'ରୁମର ବାଥରୁମ୍ ସ୍କାଏ ଲାଇଟ୍ ଦେଇ ଦୁର୍ବୃତ୍ତ ଭିତରକୁ ପ୍ରବେଶ କରି ଡ୍ରରେ ଥିବା ୧ ଲକ୍ଷ ୯୫ ହଜାର ଟଙ୍କା ସମେତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଚୋରି କରି ନେଇଛନ୍ତି। ଗୁରୁବାର ସକାଳେ ଶୋ'ରୁମ୍ କର୍ମଚାରୀ ପହଞ୍ଚି ଚୋରି ହୋଇଥିବା ଜାଣିପାରି ଉଦଳା ଥାନାକୁ ଖବର ଦେଇଥିଲେ । ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ବାରିପଦାର ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତା ତଦନ୍ତ ଆରମ୍ଭ କରିଛି।

### ବୃକ୍ଷରୋପଣ କାର୍ଯ୍ୟକ୍ରମ

କୁଆମରା, ୧୮।୭(ଡି.ଏନ୍.ଏ.)- ବନ ମହୋତ୍ସବ ସପ୍ତାହ ଅବସରରେ ଗୋପବନ୍ଧୁ ନଗର ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନୀୟ ବଡଖୁଣ୍ଟା ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ମନୋଜ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ବିଭିନ୍ନ ଫଳ ଏବଂ ଔଷଧୀୟ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଏପିଓ ଆଲୋକ ଦାସ, ଦିଲ୍ଲୀପ କୁମାର ଚକ୍ର, ସୁବ୍ରତ ମହାନ୍ତି, ସୁବୀର ଗନ୍ତାୟତ, ବିଭିନ୍ନ ଗଣମାଧମ ପ୍ରତିନିଧି ଓ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପଙ୍କଜିନୀ ପାତ୍ର ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

ବେତନଟୀ,୧୮।୭(ଡି.ଏନ୍.ଏ.)- ବେତନଟୀ ଥାନା ଅଧୀନ ଦାନ୍ତିଆମୁହାଁ ଗ୍ରାମର ଜଣେ ଯୁବକଙ୍କ ବୁଧବାର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଜୟଚନ୍ଦ୍ର ମହାନ୍ତ। ସେ ତାଙ୍କ ଘର ପାଖ ବିଲକୁ ଯାଇଥିବା ବେଳେ ଦୀର୍ଘ ସମୟ ଧରି ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖବର ପାଇ ବିଲକୁ ଆସି ଦେଖିବାରୁ ସେ ଚେତାଶୂନ୍ୟ ହୋଇ ପଡିଥିଲେ। ଜୟଚନ୍ଦ୍ରଙ୍କୁ ଚିକିତ୍ସା ପାଇଁ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଜଣାପଡ଼ିନାହିଁ।

# ଖୋଲା ଆକାଶ ତଳେ ରୋଗୀଙ୍କ ସମ୍ପର୍କୀୟ

ବାରିପଦା ଅଫିସ,୧୮।୭

ମୟୂରଭଞ୍ଜ ଜିଲା ବାରିପଦା ସହର ଉପକଣ୍ଠ ରଙ୍ଗାମାଟିଆ ସ୍ଥିତ ପିଆର୍‌ଏମ୍ ମେଡିକାଲ କଲେଜ ପରିସରରେ ରାତ୍ର ଆଶ୍ରୟସ୍ଥଳ ନ ଥିବାରୁ ରୋଗୀ ସମ୍ପର୍କୀୟମାନେ ଖୋଲା ଆକାଶ ତଳେ ଶୋଉଛନ୍ତି। ଏଠାରେ ଡାକ୍ତର ଓ ଅନ୍ୟ

**ପିଆର୍‌ଏମ୍ ମେଡିକାଲ**

କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଥିବାବେଳେ ରୋଗୀଙ୍କ ସମ୍ପର୍କୀୟମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରୋଗୀଙ୍କ ସହିତ ଆସୁଥିବା ମହିଳାମାନେ ମଧ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି।

ଜିଲାର ଅପହଞ୍ଚ ଇଲାକାରେ ବସବାସ କରୁଥିବା ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟ ନେଇ ବାରିପଦାଠାରେ ଏହି ମେଡିକାଲ କଲେଜ ପ୍ରତିଷ୍ଠା କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟକୁ ଉନ୍ନୀତ କରାଯାଇ ଏଠାରେ ଚିକିତ୍ସାସେବା ପ୍ରଦାନ କରାଯାଉଛି। ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡକୁ ଏହା ଲାଗି ରହିଥିବାରୁ ସୀମାବର୍ତ୍ତୀ ଅଞ୍ଚଳର ଲୋକେ ମଧ ଏଠାକୁ ଚିକିତ୍ସା ପାଇଁ ଆସିଥାନ୍ତି। ସେହିପରି ପଡୋଶୀ ଜିଲାର ରୋଗୀମାନେ ମଧ ଉନ୍ନତମାନର ଚିକିତ୍ସା ସେବା ପାଇଁ ଏଠାକୁ ଆସିଥାନ୍ତି। ଏହି ମେଡିକାଲ କଲେଜରେ ରୋଗୀଙ୍କ ପାଇଁ ସମସ୍ତ ବ୍ୟବସ୍ଥା ଥିବାବେଳେ ରୋଗୀଙ୍କ ସମ୍ପର୍କୀୟମାନଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଫଳରେ ସେମାନେ ରାତିରେ ଖୋଲା ଆକାଶ ତଳେ ମେଡିକାଲ ପରିସରରେ ରାତ୍ରିଯାପନ କରୁଛନ୍ତି। ସେହିପରି ବର୍ଷାଋତୁ ଚାଲିଥିବାରୁ ରୋଗୀଙ୍କ ସମ୍ପର୍କୀୟମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡାକ୍ତର ଓ ଅନ୍ୟ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଥିବାବେଳେ ରୋଗୀଙ୍କ ସମ୍ପର୍କୀୟମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିଦିନ ରାତିରେ ପ୍ରାୟ ୧ ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କ ସମ୍ପର୍କୀୟ ବାହାରେ ଶୋଉଛନ୍ତି। ଏ ଦିଗରେ ମେଡିକାଲ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନାହାନ୍ତି। ରୋଗୀଙ୍କ ସମ୍ପର୍କୀୟମାନଙ୍କ ପାଇଁ ରାତ୍ର ଆଶ୍ରୟସ୍ଥଳ ନିର୍ମାଣ କରିବା ଲାଗି ଦୀର୍ଘଦିନ ହେବ ଦାବି ହୋଇ ଆସୁଥିଲେ ମଧ ଏଥିପ୍ରତି ଚିକିତ୍ସାଳୟ କର୍ତ୍ତୃପକ୍ଷ ଧ୍ୟାନ ଦେଉ ନାହାନ୍ତି। କୁସୁମି ବ୍ଲକରୁ ଆସିଥିବା ଜଣେ ରୋଗୀଙ୍କ ସମ୍ପର୍କୀୟ ସୁବାସ ବେହେରା କୁହନ୍ତି, ସେ ତାଙ୍କ ଭାଇଙ୍କୁ ନେଇ ଚିକିତ୍ସାଳୟକୁ ଆସିଛନ୍ତି। ଏଠାରେ ରାତ୍ରିଯାପନ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଚିକିତ୍ସାଳୟ ଭିତରେ ଜଣେ ରୋଗୀଙ୍କ ପାଇଁ ଜଣେ ମାତ୍ର ବ୍ୟକ୍ତି ରୁହନ୍ତି। ପରିବାରର ଜଣେ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ଖରାପ ହେଲେ ସମସ୍ତ ପରିବାର ମେଡିକାଲକୁ ଚାଲିଆସିଥାନ୍ତି। ତେଣୁ ରୋଗୀ ସମ୍ପର୍କୀୟମାନଙ୍କ ସକାଶେ ରାତ୍ର ଆଶ୍ରୟସ୍ଥଳ ନିର୍ମାଣ କରିବା ନିହାତି ଜରୁରୀ ବୋଲି ସେ କୁହନ୍ତି।

ସେହିପରି ବଡ଼ସାହି ଅଞ୍ଚଳର ଅନ୍ୟଜଣେ ରୋଗୀଙ୍କ ସମ୍ପର୍କୀୟ ମିନତି ପାତ୍ର କୁହନ୍ତି, ଚିକିତ୍ସାଳୟ ପରିସରରେ କୌଣସି ରାତ୍ର ଆଶ୍ରୟସ୍ଥଳ ନ ଥିବାରୁ ବାଧ୍ୟ ହୋଇ ବାହାରେ ଶୋଇବାକୁ ପଡୁଛି। ରାତିରେ ବର୍ଷା ହେଲେ ଆହୁରି ଅସୁବିଧା ଭୋଗିବାକୁ ପଡୁଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ହସ୍ପିଟାଲ ମ୍ୟାନେଜର ଡା.ସମୀର କୁମାର ମହାପାତ୍ରଙ୍କୁ ପଚାରିବାରୁ ମେଡିକାଲ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଉଛନ୍ତି। ମେଡିକାଲ ପରିସରରେ ରୋଗୀ ସମ୍ପର୍କୀୟମାନଙ୍କ ରାତ୍ରିଯାପନ ସକାଶେ ଆଶ୍ରୟସ୍ଥଳ ନିର୍ମାଣ କରିବାକୁ ଯୋଜନା କରାଯାଉଛି। ଖୁବଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି। ସେହିପରି ଅଣରାଜନୈତିକ ସଂଗଠନ ଭଞ୍ଜସେନାର ସଭାପତି ପିଣ୍ଟୁ ମାଇତିଙ୍କ କହିବା ମୁତାବକ ବିଭିନ୍ନ ସମୟରେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଏ ନେଇ ଅବଗତ କରାଯାଇଛି। ମାତ୍ର କର୍ତ୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ତୁରନ୍ତ ଆଶ୍ରୟସ୍ଥଳୀ ବ୍ୟବସ୍ଥା କରା ନ ଗଲେ ସେନା ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।



ରୋଗୀଙ୍କ ସମ୍ପର୍କୀୟ ବାହାରେ ଶୋଇଛନ୍ତି।

# ଭିଜିଲାନ୍ସ ଜାଲରେ କୋଟିପତି ସହକାରୀ ନିର୍ବାହୀ ଯନ୍ତ୍ରୀ

କଟକ ଅଫିସ/ବାରିପଦା ଅଫିସ,୧୮।୭

ମୟୂରଭଞ୍ଜ କ୍ଷୁଦ୍ର ଜଳସେଚନ ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ହୃଦେଶ୍ୱର ବେହେରାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ଭିଜିଲାନ୍ସ ପକ୍ଷରୁ ଗୁରୁବାର ବେହେରାଙ୍କ ଘର, ଅଫିସ ସମେତ ମୋଟ ୬ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଯାଞ୍ଚ କରାଯାଇଥିଲା। ଯାଞ୍ଚ ହୋଇଥିବା ସ୍ଥାନଗୁଡ଼ିକ ମଧ୍ୟରେ ବେହେରାଙ୍କ ବାରିପଦା ସହରର ପ୍ରଫୁଲ୍ଲନଗରରେ ଥିବା ଆବାସିକ ୩ ମହଲା କୋଠା, କପ୍ତିପଦାଠାରେ ଥିବା ଘର, ଭୁବନେଶ୍ୱର ନୟାପଲ୍ଲୀଠାରେ ଥିବା ଫ୍ଲାଟ୍, ବାରିପଦାସ୍ଥିତ ଅଫିସ, ବାଙ୍ଗିରିପୋଷି ଥାନା ଅଧୀନସ୍ଥ ଚନ୍ଦନପୁର ଗ୍ରାମରେ ଥିବା ସମ୍ପର୍କୀୟଙ୍କ ଘର ଓ ବାରିପଦା ସଦର ଥାନା ଅଧୀନସ୍ଥ ଅସିତା ଗ୍ରାମରେ ଥିବା ଆଦିକନ୍ଦ ଶଙ୍ଖୁଆଙ୍କ ଘରକୁ ଭିଜିଲାନ୍ସ ଯାଞ୍ଚ କରିଛି। ଉପରୋକ୍ତ ସ୍ଥାନଗୁଡ଼ିକୁ ଯାଞ୍ଚ କରାଯିବା ପରେ ମୋଟ ୧ କୋଟି ୬୪ ଲକ୍ଷ ୨ହଜାର ୯୮୪ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଠାବ ସମସ୍ତ ସମ୍ପତ୍ତି ବେହେରା ଓ ତାଙ୍କ ପରିବାରବର୍ଗଙ୍କ ଦଖଲରେ ଥିବା ଭିଜିଲାନ୍ସ ସୂଚନା ଦେଇଛି। ଭିଜିଲାନ୍ସ ପକ୍ଷରୁ ସମ୍ପତ୍ତିଗୁଡ଼ିକର ମୂଲ୍ୟ ଆକଳନ କରାଯାଇଛି। ଏହି ଅନୁଯାୟୀ, ବାରିପଦାଠାରେ ଥିବା ୩ ମହଲା କୋଠାର ମୂଲ୍ୟକୁ ୮୮ ଲକ୍ଷ ୮୫ହଜାର ୩୦୭ ଟଙ୍କାରେ ଆକଳନ କରାଯାଇଥିବା ବେଳେ ଭୁବନେଶ୍ୱର ଫ୍ଲାଟକୁ ୨୮ ଲକ୍ଷ ୯୭ହଜାର ୮୪୩ ଟଙ୍କାରେ ଆକଳନ କରାଯାଇଛି। ସେହିପରି ଭୁବନେଶ୍ୱର, ବାରିପଦା ଓ ଉଦଳାଠାରେ ବେହେରାଙ୍କର ୧୪ଟି ପ୍ଲଟ ରହିଛି। ଉକ୍ତ ପ୍ଲଟ ସମୂହର ମୂଲ୍ୟ ୧୭ ଲକ୍ଷ ୧୩ହଜାର ୨୫୭ ଟଙ୍କା ହେବ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ବିଭିନ୍ନ ବ୍ୟାଙ୍କରେ ବେହେରାଙ୍କର ୯ ଲକ୍ଷ ୯୭ହଜାର ୮୮୫ ଟଙ୍କା ଜମା ଥିବାବେଳେ ଏଲ୍‌ଆଇସି ପଲିସି ବାବଦରେ ୯ ଲକ୍ଷ ୧୮ହଜାର ୨୮୧ ଟଙ୍କା ଜମାଥିବା ଭିଜିଲାନ୍ସ କହିଛି। ବେହେରାଙ୍କ ଘରୁ ୨ ଲକ୍ଷ ୨୩ହଜାର ୬୮୨ ଟଙ୍କା ମୂଲ୍ୟର ସୁନାଗହଣା ଠାବ ହୋଇଥିବା ବେଳେ ୧ ଲକ୍ଷ ୨୯ହଜାର ୮୫୯ ଟଙ୍କା ମୂଲ୍ୟର ଦୁଇଟି ମୋଟରସାଇକେଲ ଓ ନଗଦ ୨୪ହଜାର ୭୦୦ ଟଙ୍କା ଭିଜିଲାନ୍ସ ଠାବ କରିଛି। ସେହିପରି ବେହେରାଙ୍କ ଘରୁ ୬ ଲକ୍ଷ ୧୨ହଜାର ୧୬୦ ଟଙ୍କା ମୂଲ୍ୟର ଆସବାବପତ୍ର ଭିଜିଲାନ୍ସ ଯାଞ୍ଚ ସମୟରେ ଠାବ ହୋଇଛି।



ଭିଜିଲାନ୍ସ ଅଧିକାରୀମାନେ ବାରିପଦାରେ ଚଢ଼ାଉ କରୁଛନ୍ତି।

# ଖବରଦାତାଙ୍କୁ ଦୁର୍ବ୍ୟବହାର ନେଇ ବିକ୍ଷୋଭ

ବାରିପଦା ଅଫିସ,୧୮।୭

କେନ୍ଦ୍ରାପଡା ଜିଲାର ଜଣେ ବରିଷ୍ଠ ପୋଲିସ ଅଧିକାରୀ ଖବରଦାତାଙ୍କୁ ଦୁର୍ବ୍ୟବହାରକୁ ନେଇ ମୟୂରଭଞ୍ଜ ଜିଲାରେ ପ୍ରତିବାଦ ସ୍ୱର ଦେଖାଯାଇଛି। ଜିଲାରେ କାର୍ଯ୍ୟରତ ଖବରଦାତାମାନେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଳାବ୍ୟାଜ ପରିଧାନ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରାଯାଇଛି। ଖବରଦାତାମାନେ ଜିଲାପାଳ ବିନିତ ଭରଦ୍ୱାଜଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଖବରଦାତା ପ୍ରୟାଗରାଜ କର, ସଞ୍ଜୟ ଚୌଧୁରୀ, ଅଭିଜିତ ମହାନ୍ତି, ଅକ୍ଷୟ କୁମାର ଅଗ୍ରୱାଲ, ଦୀପକ କୁମାର ନାୟକ, ମାନସ କୁମାର ବେହେରା, ସୌମ୍ୟରଞ୍ଜନ ପଟ୍ଟନାୟକ, ମାନିକଲାଲ ପାଣି, ଦୋଳ ଗୋବିନ୍ଦ ବାରିକ, ପ୍ରିୟବ୍ରତ ମିଶ୍ର, ରବି ନାରାୟଣ ଚଲାନ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ଖବରଦାତାମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

### ଉଦଳାରେ ପ୍ରତିବାଦ ସଭା

ଉଦଳା,(ଡି.ଏନ୍.ଏ.)- ଖବରଦାତାଙ୍କୁ କେନ୍ଦ୍ରାପଡା ଜିଲା ବରିଷ୍ଠ ପୋଲିସ ଅଧିକାରୀଙ୍କ ଦୁର୍ବ୍ୟବହାର ଘଟଣାକୁ ନେଇ କପ୍ତିପଦା ଉପଖଣ୍ଡ ସାମ୍ବାଦିକ ସଂଘ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଗୁରୁବାର ସଂଘ ପକ୍ଷରୁ ଉଦଳା ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିନେଇ ଆୟୋଜିତ ପ୍ରତିବାଦ ସଭାରେ ବରିଷ୍ଠ ସାମ୍ବାଦିକ ଗୋଲକ ମହାରଣା, ସନ୍ତୋଷ କୁମାର ବାଛିନୀ, ଅରୁଣ କୁମାର ମହାନ୍ତି, ଆନନ୍ଦ କୁମାର ଦାସ, ହିମାଦ୍ରି ଶେଖର ପାଲ, ଅମୀୟ କୁମାର ବଳ, ମାନସ ପାଣି, ଆଲୋକ ବେହେରା, ତପନ ସେଠୀ ପ୍ରମୁଖ ଉପସ୍ଥିତ ରହି ଘଟଣାର ତୀବ୍ର ପ୍ରତିବାଦ କରିଥିଲେ ।

### ଭାଜପାର ସଭ୍ୟ ସଂଗ୍ରହ ଅଭିଯାନ

ଖୁଣ୍ଟା,୧୮।୭(ଡି.ଏନ୍.ଏ)-ବାରିପଦା ନିର୍ବାଚନମଣ୍ଡଳୀ ଅଧୀନ ଖୁଣ୍ଟା ବ୍ଲକର କନ୍ହେଇବନ୍ଧ ମଣ୍ଡଳ ପକ୍ଷରୁ ଭାଜପାର ପ୍ରାଥମିକ ସଭ୍ୟ ସଂଗ୍ରହ ଅଭିଯାନ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ କର୍ମୀ ରଞ୍ଜନ କୁମାର ମଣ୍ଡୁଆଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ନିର୍ବାଚନ ମଣ୍ଡଳୀର ପ୍ରଭାରୀ ସୁବାସ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିବା ବେଳେ ୧୩ ନଂ. ଜିଲା ପରିଷଦ ସଭ୍ୟ ଭିଏସ ଜ୍ୟୋତି ସଂଗ୍ରାମ, ବରିଷ୍ଠ କର୍ମୀ ବସନ୍ତ କୁମାର ଆଚାର୍ଯ୍ୟ, ବିଭିନ୍ନ ପଞ୍ଚାୟତର ଦଳୀୟ ସରପଞ୍ଚ,ସଭ୍ୟାସଭ୍ୟ ଓ କର୍ମୀମାନେ ଉପସ୍ଥିତ ଥିଲେ। ଅଧିକରୁ ଅଧିକ ନୂତନ ସଭ୍ୟଙ୍କୁ ଦଳରେ ସାମିଲ କରି ତୃଣମୂଳସ୍ତରରୁ ସଂଗଠନକୁ ସୁଦୃଢ଼ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ ପଞ୍ଚାୟତ କାର୍ଯ୍ୟକର୍ତ୍ତା ଓ କର୍ମୀମାନଙ୍କ ମତାମତକୁ ନେଇ ମଣ୍ଡଳସ୍ତରୀୟ ପ୍ରମୁଖ ଓ ସହ ପ୍ରମୁଖ ଚୟନ କରାଯିବା ସହିତ ମଣ୍ଡଳ ଅଧୀନ ୬ଟି ପଞ୍ଚାୟତର ପ୍ରମୁଖ, ସହ ପ୍ରମୁଖ, ବିସ୍ତାରକ, ପ୍ରଭାରୀ ଓ ସହ ପ୍ରଭାରୀ ଚୟନ କରାଯାଇଥିଲା।

# 'ଆଦର୍ଶ ନାଗରିକ ଗଠନରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ଉଦଳା,୧୮।୭(ଡି.ଏନ୍.ଏ.)

ଗୁରୁ ହିଁ ଶିଷ୍ୟମାନଙ୍କ ଭବିଷ୍ୟତ ଗଢ଼ିଥାନ୍ତି । ଭଲମନ୍ଦ, ଭୁଲଠିକ୍‌ର ବିଚାର ଦେଇ ସେମାନଙ୍କୁ ଜୀବନର ସବୁଠାରୁ କଠିନ ପରିସ୍ଥିତିର ମୁକାବିଲା କରିବା ପାଇଁ ବାଟ ମଧ ଦେଖାଇଥାନ୍ତି । ଆଦର୍ଶ ନାଗରିକ ଗଠନରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପବିତ୍ର ବ୍ୟାସ ପୂର୍ଣ୍ଣିମାରେ ଉଦଳା ସ୍ନେହା ତୁଳସୀ କଲ୍ୟାଣ ମଣ୍ଡପରେ ଆୟୋଜିତ ଗୁରୁପୂଜନ ଦିବସରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଉଦଳା ଗୁରୁପୂଜନ କମିଟି ଆନୁକୂଲ୍ୟରେ ଆୟୋଜିତ ଚତୁର୍ଥ ବାର୍ଷିକ ଉତ୍ସବରେ ଉପସ୍ଥିତ ଗୁରୁମାନଙ୍କୁ ସର୍ବପ୍ରଥମେ ଫୁଲଚନ୍ଦନ ଏବଂ ବସ୍ତ୍ର ଦେଇ ପୂଜନ କରାଯାଇଥିଲା । କପ୍ତିପଦା ଉପଖଣ୍ଡର ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ଆୟୋଜନ କରାଯାଇଥିବା ଏହି ଉତ୍ସବରେ ସମୁଦାୟ ୧୯୦ ଜଣ ଯୋଗ ଦେଇଥିଲେ। କମିଟିର ସଭାପତି ତଥା ଆଇନଜୀବୀ ବସନ୍ତ କୁମାର ପରିଡ଼ାଙ୍କ ଅଧକ୍ଷତାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ଡ. ଦିଲ୍ଲୀପ କୁମାର ଦୀକ୍ଷିତ, ବିଶିଷ୍ଟ ଅତିଥି ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, ବିଶିଷ୍ଟବକ୍ତା ତଥା କାର୍ଯ୍ୟକ୍ରମର ଆୟୋଜକ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଗୋଲକ ବିହାରୀ ନାଏକ, ମୁଖ୍ୟବକ୍ତା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଖଗେନ୍ଦ୍ର ନାଥ ସ, ସନାତନ ଜେନା, ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ, ନରେନ୍ଦ୍ର ମୋହନ ଜେନା, ସନାତନ ନାୟକ, ରବିକାନ୍ତ ମହାପାତ୍ର, ଶରତ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ସଂଯୋଜକ ଭାବେ ଖବରଦାତା ଅମୀୟ କୁମାର ବଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଏସ୍. ବାଛିନୀ ଅତିଥିମାନଙ୍କୁ ଆସନ ଅଳଙ୍କରଣ ପାଇଁ ଆହ୍ୱାନ କରିଥିଲେ । ଶିକ୍ଷକ ସୁଦର୍ଶନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ କମିଟିର ସଦସ୍ୟ ବନମାଳୀ ବେହେରା, ସରୋଜ ସାମଲ, ସମୀର ଷଡଙ୍ଗୀ, ଅତନୁ ପଟ୍ଟନାୟକ,କୃଷ୍ଣଚୈତନ୍ୟ ସଦୁଆଳ, ମହେନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ଦେଶୀ ମଦ ଭାଟିରେ ଚଢାଉ, ୩ ଗିରଫ

ବେତନଟୀ,୧୮।୭ (ଡି.ଏନ୍.ଏ.)-

ବେତନଟୀ ଅବକାରୀ ଥାନା ଅଧିକାରୀ ଶ୍ରୀନିବାସ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ବଡସାହି ବ୍ଲକ ଅଞ୍ଚଳରେ ଗୁରୁବାର ଚଢାଉ କରି ବେଆଇନ୍ ଦେଶୀ ମଦ ତିଆରି କରୁଥିବା ଅଭିଯୁକ୍ତମାନଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବଡସାହି ବ୍ଲକ ଅଧୀନ ମାଧବପୁର ଗ୍ରାମର ଗୁରଚରଣ ସିଂ , ବେଲଡୁଙ୍ଗିରି ଗ୍ରାମର ନିର୍ମଳ ପାତ୍ର ଓ କୁନା ପାତ୍ର (୩୦)। ଚଢାଉ ସମୟରେ ୧୦୨ ଲିଟର ଦେଶୀ ମଦ, ୩୯୦ କେ.ଜି. ମହୁଲଫୁଲ, ୪୦୦ କେ.ଜି. ପୋଚ, ୧୦ କେ.ଜି. ବାଖର ଏବଂ ୨.୫ ଲିଟର ବିଦେଶୀ ମଦ ଜବତ କରାଯାଇଛି। ବେତନଟୀ ଫରେଷ୍ଟର୍ ସୁଶାନ୍ତ କୁମାର ବାଗ୍, ଉଦଳା ଅବକାରୀ ଥାନାର ଶରତ୍ ଚନ୍ଦ୍ର ବାରିକ୍, ଦୁର୍ଗା ପ୍ରସାଦ ଗିରି, ବିଜୟ କୁମାର ମହାନ୍ତ, ପ୍ରକାଶ ଦେବତା, ସମୀର୍ ଜେନା, ତମନ ପରିଡା, ଦୀପାଳୀ ଦାସ ପ୍ରମୁଖ ଚଢାଉରେ ସାମିଲ ଥିଲେ।

# ବର୍ଷା ଅଭାବରୁ ଚାଷ କାମ ପଛେଇଛି



ବର୍ଷାଭାବରୁ ଧାନଜମି ଫାଟି ଯାଇଛି।

କୁଆମରା,୧୮।୭(ଡି.ଏନ୍.ଏ.)

ଆଷାଢ ଶେଷ ହୋଇ ଶ୍ରାବଣ ମାସ ଆରମ୍ଭ ହୋଇଥିଲେ ମଧ ବର୍ଷାର ଦେଖାନାହିଁ। ବର୍ଷା ଅଭାବରୁ ଗୋପବନ୍ଧୁ ନଗର ବ୍ଲକ ଅଞ୍ଚଳରେ ଚାଷ କାର୍ଯ୍ୟ ଆଗେଇ ପାରୁ ନାହିଁ। ବର୍ଷାକୁ ଭରସା କରି ଏହି ବ୍ଲକର ଖାଲୁଆ ଅଞ୍ଚଳରେ ଥିବା ଜମିରେ ଚାଷୀ ପାଣି ମଡ଼ାଇ ତଳି ପକାଇଥିଲେ। କେହି କେହି ଆଷାଢ ମାସ ଆରମ୍ଭରୁ ଶୁଖିଲା ତଳି ପକାଇ ଥିଲେ। ମାତ୍ର ପ୍ରବଳ ଖରା ଓ ଗ୍ରୀଷ୍ମ ପ୍ରବାହ ଜାରି ରହିବାରୁ ତଳି କିଆରି ଫାଟି ଆଁ କଲାଣି। ସେହିପରି ବନ୍ୟାପ୍ଳାବିତ ଅଞ୍ଚଳରେ ଚାଷୀ ଆଷାଢ ଆରମ୍ଭରୁ ରୁଆ କାର୍ଯ୍ୟ କରିଥିବା ବେଳେ ତାହା ନଷ୍ଟ ହୋଇଗଲାଣି। କେତେକ ସ୍ଥାନରେ ମଧ ଗଜା ମରୁଡି ଦେଖିବାକୁ ମିଳୁଛି। ଶ୍ରାବଣ ମାସ ଆରମ୍ଭ ବେଳକୁ ଅଧା ଜମିରେ ରୁଆପୋତା କାର୍ଯ୍ୟ ସରିଯାଇଥାଏ। ମାତ୍ର ଏହି ବ୍ଲକ ଅଞ୍ଚଳର ୭୦ ପ୍ରତିଶତ ଜମିରେ ଅଦ୍ୟାବଧି ତଳି ପକା କାର୍ଯ୍ୟ ହୋଇପାରି ନାହିଁ। ଚଳିତବର୍ଷ ଏହି ବ୍ଲକର ମୋଟ ୧୨ ହଜାର ୬ ଶହ ହେକ୍ଟର ଜମିରେ ଖରିଫ ଚାଷ ହେବାକୁ ଥିବା ବେଳେ ୧୦ ପ୍ରତିଶତ ଜମିରେ ଧାନ ବୁଣା ହୋଇଛି। ପାଣି ଅଭାବରୁ ତାହା ନଷ୍ଟ ହେବାକୁ ବସିଲାଣି। ଅନେକ ସ୍ଥାନରେ ଗୋରୁ ମଧ ଚରୁଥିବା ଦେଖିବାକୁ ମିଳୁଛି। ଗାଁ ଗଣ୍ଡାରେ ଥିବା ଗଡିଆ ପୋଖରୀରେ ପାଣି ଆଉ ନାହିଁ। ଜଳସେଚିତ ଅଞ୍ଚଳରେ ମଧ କେଉଁଠି ମେଶିନ ଅଚଳ ତ କେଉଁଠି ବିଜୁଳି ସଂଯୋଗ ନାହିଁ। ଅନ୍ୟ କେଉଁଠି କେନାଲ ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିବାରୁ ପାଣି ଯାଇପାରୁ ନାହିଁ। ତୁରନ୍ତ ଜଳସେଚନର ସୁବିଧା ଲାଗି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

■ଜନସଂଖ୍ୟା ସ୍ଥିରତା ପକ୍ଷ

# ଆମେ ଦୁଇ, ଆମର ଏକ ସ୍ଲୋଗାନରେ ସୀମିତ

କପ୍ତିପଦା,୧୮।୭(ଡି.ଏନ୍.ଏ.)

ଜନସଂଖ୍ୟା ବୃଦ୍ଧିକୁ ରୋକିବା ପାଇଁ ଏକମାତ୍ର ମାଧମ ହେଉଛି ଜନ୍ମ ନିୟନ୍ତ୍ରଣ ଯୋଜନା। ଦେଶରେ 'ଆମେ ଦୁଇ, ଆମର ଏକ' ସ୍ଲୋଗାନ କାର୍ଯ୍ୟକାରୀ ହୋଇଥିଲେ ମଧ ଅଦ୍ୟାବଧି ଏହା କେବଳ ଶିକ୍ଷିତ ଓ ସଚେତନ ପରିବାରରେ ସମ୍ଭବ ହୋଇପାରିଛି। ମୟୂରଭଞ୍ଜ ଜିଲାର କପ୍ତିପଦା ବ୍ଲକ୍ ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଲୋକଙ୍କୁ ସଚେତନ କରି ଏହି ଯୋଜନାକୁ କାର୍ଯ୍ୟକାରୀ କରିବାରେ ବହୁ ସମସ୍ୟା ଥିବା ସତ୍ତ୍ୱେ ଡାକ୍ତରଖାନା ପକ୍ଷରୁ ଉଦ୍ୟମ ଜାରି ରହିଛି । ସରକାର ବିଭିନ୍ନ ଯୋଜନା ମାଧମରେ ଲୋକଙ୍କୁ ସଚେତନ କରି ଜନ୍ମ ନିୟନ୍ତ୍ରଣ ଯୋଜନାରେ ସାମିଲ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଚଳିତ ବର୍ଷ ଜୁନ ୨୭ରୁ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ବିଶ୍ୱ ସଚେତନତା ପକ୍ଷ ପାଳନ କରାଯାଇଥିବାବେଳେ ଜୁଲାଇ ୧୧ରୁ ୨୪ ତାରିଖ ପର୍ଯ୍ୟନ୍ତ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳନ କରାଯାଉଥିବା ବିଭାଗ ସୂତ୍ରରୁ ଜଣାଯାଇଛି । ଏଥିପାଇଁ କପ୍ତିପଦା ଡାକ୍ତରଖାନାରେ ୨ଟି ଓ ଶାଳବୁଆ ଡାକ୍ତରଖାନାରେ ଗୋଟିଏ ଗର୍ଭ ନିରୋଧ ପଦ୍ଧତି କ୍ୟାମ୍ପ ଆୟୋଜନ କରାଯିବାକୁ ପ୍ରସ୍ତାବ ଥିବା ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବୈକୁଣ୍ଠନାଥ ଦାଉଁଡିଆ ପ୍ରକାଶ କରିଛନ୍ତି ।

ପୂର୍ବରୁ ଏହି ଯୋଜନାରେ କପ୍ତିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନୈରାଶ୍ୟଜନକ ପ୍ରଦର୍ଶନ ହୋଇଥିଲା। ୨୦୧୭-୧୮ରେ ଲକ୍ଷ୍ୟ ୧୮,୩୫୧ ଥିବାବେଳେ ୧୧୩୬ରେ ସୀମିତ ରହିଛି। ସେଥି ମଧ୍ୟରୁ ବନ୍ଧ୍ୟାକରଣ ଟାର୍ଗେଟ୍ ୬୧୬ ଥିବାବେଳେ ୫୭୮ ଜଣ ସାମିଲ ହୋଇଛନ୍ତି। କପ୍ତିପଦା ବ୍ଲକ୍ ଜନ୍ମ ନିୟନ୍ତ୍ରଣ ଯୋଜନା ପରିସଂଖ୍ୟାନରୁ ଜଣାଯାଏ ଯେ, ୨୦୧୩-୧୪ ବର୍ଷ ପାଇଁ ଏହି ଯୋଜନାରେ ୩୧୪୧ ଜଣକୁ ସାମିଲ କରିବାର ଲକ୍ଷ୍ୟ ଥିବା ବେଳେ ଏହା ୧୪୭୯ ସାମିଲ ହୋଇଛନ୍ତି। ୨୦୧୬-୧୭ରେ ମଧ ଲକ୍ଷ୍ୟ ୩୬୯୩ ଥିବାବେଳେ ୧୭୯୮ରେ ସୀମିତ ରହିଛି । ସେଥି ମଧ୍ୟରୁ ବନ୍ଧ୍ୟାକରଣ ଟାର୍ଗେଟ୍ ୬୧୬ ଥିବାବେଳେ ୩୮୭ ବନ୍ଧ୍ୟାକରଣ କରିଛନ୍ତି। ତେବେ ପୁରୁଷ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ଯୋଜନା ଏଠାରେ ଫଳପ୍ରଦ ନୁହେଁ। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଏହି କାର୍ଯ୍ୟକ୍ରମ ପାଇଁ ୬ଟି ଡ଼ାକ୍ତରଖାନା, ୫ଟି ସେକ୍ଟର, ୩୧ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର ସାଙ୍ଗକୁ ୮ଜଣ ଅଙ୍ଗନୱାଡ଼ି ସୁପରଭାଇଜର, ୩୧୮ ଅଙ୍ଗନୱାଡ଼ି କର୍ମୀ, ୧୭୬ ଆଶାକର୍ମୀ ଓ ୧୪ ପୁରୁଷ ସ୍ୱାସ୍ଥ୍ୟକର୍ମୀ କାର୍ଯ୍ୟ କରୁଛନ୍ତି। ମହିଳା ବନ୍ଧ୍ୟାକରଣ ପାଇଁ ସହାୟତା ରାଶି ୧୪୦୦ଟଙ୍କା, ପୁରୁଷ ବନ୍ଧ୍ୟାକରଣ ପାଇଁ ୨୦୦୦ଟଙ୍କା ମିଳୁଥିବା ଜଣାଯାଇଛି । ସେହିପରି ମହିଳା ବନ୍ଧ୍ୟାକରଣ ଅସ୍ତ୍ରୋପଚାର ପାଇଁ ପ୍ରବର୍ତ୍ତାଉଥିବା ମହିଳାଙ୍କୁ ସରକାରଙ୍କ ତରଫରୁ ୨୦୦ଟଙ୍କା ଓ ପୁରୁଷ ବନ୍ଧ୍ୟାକରଣ ପାଇଁ ପ୍ରବର୍ତ୍ତାଉଥିବା ମହିଳାଙ୍କୁ ୩୦୦ ଟଙ୍କାର ସହାୟତା ରାଶି ଦେବାର ବ୍ୟବସ୍ଥା ରହିଛି । ଏତଦବ୍ୟତୀତ ପ୍ରସବର ୭ ଦିନ ମଧରେ ଅସ୍ତ୍ରୋପଚାର କଲେ ଉକ୍ତ ମହିଳାଙ୍କୁ ୨୨୦୦ଟଙ୍କାର ସହାୟତା ରାଶି ଓ ପ୍ରବର୍ତ୍ତାଉଥିବା ମହିଳାଙ୍କୁ ୩୦୦ ଟଙ୍କା ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ଜଣାଯାଇଛି । ସେହିପରି ପ୍ରସବର ୭ ଦିନ ମଧ୍ୟରେ କପର୍ଟି ବ୍ୟବହାର ପାଇଁ ପ୍ରବର୍ତ୍ତାଉଥିବା ମହିଳାଙ୍କୁ ୧୫୦ ଟଙ୍କା ପ୍ରଦାନ କରାଯାଉଛି । ତଥାପି ଏହି ବ୍ଲକ୍‌ରେ ଅନେକ ମହିଳା କୁସଂସ୍କାର ଓ ଅନ୍ଧବିଶ୍ୱାସ ପାଇଁ ଏହି ଯୋଜନାରେ ସାମିଲ ହେଉନାହାନ୍ତି। ୨୦୦୧ ଜନଗଣନା ଅନୁଯାୟୀ ଏହି ବ୍ଲକ୍ ଅଧୀନ ୨୬ ପଞ୍ଚାୟତର ୧୪୭ଟି ରାଜସ୍ୱ ଗ୍ରାମରେ ପ୍ରାୟ ୧ ଲକ୍ଷ ୩୫ ହଜାର ଜନସଂଖ୍ୟା ଥିବା ବେଳେ ୧୬ ବର୍ଷ ପରେ ଏହା ୧ଲକ୍ଷ ୭୨ହଜାରରେ ପହଞ୍ଚିଛି। ଜନ୍ମ ଓ ମୃତ୍ୟୁହାର ସହିତ ଜନସଂଖ୍ୟା ବୃଦ୍ଧି ହାର ଯଥେଷ୍ଟ କମ୍ ଥିଲେ ମଧ ଜାତୀୟସ୍ତରଠାରୁ ଏହି ବ୍ଲକ୍ ଉପରେ ଥିବା ଜଣାଯାଇଛି।

## ଆଜି କ'ଣ କେଉଁଠି

ଭଦ୍ରକ

▶ବିଡିଓ ଏବଂ ତହସିଲଦାରଙ୍କ ସମନ୍ୱୟ ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ନ ୩ଟା ୩୦।

## ସଂକ୍ଷେପରେ

### ବାଇକ୍ ଚୋରି ବେଳେ ଧରାପଡ଼ି ଯୁବକ ଗିରଫ

**ଭଦ୍ରକ ଅଫିସ, ୧୮।୭:** ଭଦ୍ରକ ଗାନ୍ଧୀପଡ଼ିଆସ୍ଥିତ ଶୁଭମ୍ ହସ୍ପିଟାଲ ସମ୍ମୁଖରୁ ବୁଧବାର ରାତିରେ ଜଣେ ଯୁବକ ଏକ ବାଇକ୍ ଚୋରି କରି ନେଉଥିବା ବେଳେ ସ୍ଥାନୀୟ ଯୁବକଙ୍କ ଦ୍ୱାରା ଧରା ପଡ଼ିଥିଲେ। ପରେ ସେମାନେ ତାଙ୍କୁ ଟାଉନ ଥାନା ପୋଲିସ ଜିମା ଦେଇଥିଲେ। ଟାଉନ ପୋଲିସ ଏକ ମାମଲା(ନଂ.୨୦୮/୧୯) ରୁଜୁ କରି ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ବାଲେଶ୍ୱର ଜିଲା ଖଇରା କଇଥଗଡ଼ିଆ ଗାଁର ମାନସ ରଞ୍ଜନ ପରିଡ଼ା। ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ବନ୍ତ ଥାନା ଅନ୍ତର୍ଗତ ବଙ୍ଗରପଦୀ ଗାଁର ଶଶଧର ମାଝୀ ନାମକ ଜଣେ ଯୁବକ ତାଙ୍କ ସମ୍ପର୍କୀୟଙ୍କୁ ନେଇ ମେଡିକାଲ ଆସିଥିଲେ। ରାତି ପ୍ରାୟ ୯ଟା ବେଳେ ହସ୍ପିଟାଲ ସମ୍ମୁଖରୁ ତାଙ୍କ ବାଇକ୍(ନଂ ଓଡି ୨୨ ସି ୫୮୦୯)କୁ ମାନସ ଚୋରି କରି ନେଉଥିବା ବେଳେ ଶଶଧର ପାଟି କରିଥିଲେ। ପାଖରେ ଥିବା ଲୋକେ ମାନସଙ୍କୁ ଗାନ୍ଧୀପଡ଼ିଆ ନିକଟରେ କାବୁ କରି ପୋଲିସ ଜିମା ଦେଇଥିଲେ।

### ଚୋରାମଦ ବିକ୍ରେତାଙ୍କ ନାମରେ ମାମଲା

**ପଦ୍ମପୁର, ୧୮।୭ (ଡି.ଏନ.ଏ.):** ବାସୁଦେବପୁର ବ୍ଲକ ସୁଗୋ ପଞ୍ଚାୟତ କୁସୁନବିନ୍ଧା ଗ୍ରାମରେ ଦୀର୍ଘଦିନ ଧରି ମଦ ବିକ୍ରି କରିଆସୁଥିବା ବାଇଧର ମଲିକଙ୍କ ନାମରେ ସ୍ଥାନୀୟ ଥାନାରେ ମାମଲା(ନଂ.୨୪୬/୧୯) ରୁଜୁ କରାଯାଇଛି। ବୁଧବାର ସେ ତାଙ୍କ ଘରେ ବିକ୍ରି କରୁଥିବା ବେଳେ ଗ୍ରାମର ୧୨ଟି ସ୍ୱୟଂସହାୟକ ଗୋଷ୍ଠୀର ସଭ୍ୟା ମଦ ଜବତ କରି ପୋଲିସ ଜିମା ଦେଇଥିଲେ। ସେ ବାଲେଶ୍ୱର ଜିଲା ଅଣ୍ଡରାଇ ଅଞ୍ଚଳରୁ ଚୋରାରେ ମଦ ଆଣି ଗ୍ରାମରେ ବିକ୍ରି କରୁଥିଲେ। ସ୍ୱୟଂସହାୟକ ଗୋଷ୍ଠୀର ମହିଳାଙ୍କ ଅଭିଯୋଗ କ୍ରମେ ପୋଲିସ ବାଇଧରଙ୍କ ନାମରେ ମାମଲା ରୁଜୁ କରି ତନାଘନା ଚଳାଇଛି।

### ଅବରୋଧମୁକ୍ତ ହେଲା ପଣସୁରିଆ ପାଣିନାଳ

**ତିହିଡ଼ି, ୧୮।୭ (ଡି.ଏନ.ଏ.):** ତିହିଡ଼ି ତହସିଲ ଅଧୀନ ମଙ୍ଗରାଜପୁର ମୌଜାରେ ଥିବା ପଣସୁରିଆ ପାଣିନାଳ ଗୁରୁବାର ଅବରୋଧମୁକ୍ତ ହୋଇଛି। ତହସିଲଦାର ଅନିତା ନାୟକ ଓ ତିହିଡ଼ି ଥାନା ପୋଲିସ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଏହି ନାଳକୁ ଜବରଦଖଲ କରି କେତେକ ବ୍ୟକ୍ତି ଦୋକାନ କ୍ୟାବିନ ପକାଇଥିଲେ। ଏଥିପାଇଁ ମଙ୍ଗରାଜପୁର ମୌଜାରେ ଥିବା ଚାଷଜମିରୁ ପାଣି ନିଷ୍କାସିତ ହୋଇପାରୁ ନ ଥିଲା। ଫଳରେ ଚାଷୀମାନେ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏ ସମ୍ପର୍କରେ କେତେକ ଚାଷୀ ତିହିଡ଼ି ତହସିଲ କାର୍ଯ୍ୟାଳୟରେ ବିଭିନ୍ନ ସମୟରେ ଅଭିଯୋଗ କରିଥିଲେ। ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜବରଦଖଲକାରୀଙ୍କ ବିରୋଧରେ ଅବରୋଧ ମକଦ୍ଦମା କରାଯାଇଥିଲା। ଗୁରୁବାର ଉଚ୍ଛେଦ ହେବା ସମ୍ପର୍କରେ ସେମାନଙ୍କୁ ନୋଟିସ୍ ମଧ୍ୟ ଦିଆଯାଇଥିଲା।

### ଭାଜପାର ସଦସ୍ୟତା ସଂଗ୍ରହ ଅଭିଯାନ

**ଧାମନଗର, ୧୮।୭ (ଡି.ଏନ.ଏ.):** ଧାମନଗର ଭାଜପା ସହରୀ ମଣ୍ଡଳ ଆନୁକୂଲ୍ୟରେ ଗୁରୁବାର ମୁନିସିପାଟଣାଠାରେ ସଙ୍ଗଠନ ପର୍ବ ଅନ୍ତର୍ଗତ ସଦସ୍ୟତା ସଂଗ୍ରହ ଅଭିଯାନ ଶୁଭାରମ୍ଭ ହୋଇଛି। ମଣ୍ଡଳ ସଭାପତି କୈଳାସ ଚନ୍ଦ୍ର ମହାପାତ୍ର ଏହାର ନେତୃତ୍ୱ ନେଇଥିଲେ। ମଣ୍ଡଳ ଉପସଭାପତି ଭୁବେନ୍ଦ୍ର ନାୟକ, ସାଧାରଣ ସମ୍ପାଦକ ବିଜୟ କୁମାର ରାମ, ଯୁବ ମୋର୍ଚ୍ଚା ସଭାପତି ଶୁଭେନ୍ଦୁ ପାତ୍ର, ସମ୍ପାଦକ ପ୍ରଣୟ ମହାନ୍ତି, ମହିଳା ମୋର୍ଚ୍ଚା ସଭାନେତ୍ରୀ ମାନସୀ ଜେନା, ଉପସଭାନେତ୍ରୀ ମାଳତୀ ସେଠୀ, କବିତାରାଣୀ ରାୟ, ନାରାୟଣ ରାଉତ ଓ ସଞ୍ଜୟ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଭାଜପାର ଶକ୍ତି ବୃଦ୍ଧି ପାଇଁ ସଦସ୍ୟତା ସଂଗ୍ରହ ଅଭିଯାନ ଚଳାଇ ଶତାଧିକ ସଦସ୍ୟତା ଗ୍ରହଣ କରାଯାଇଛି।

# ବିଶ୍ୱବ୍ୟାଙ୍କ ଅନୁଦାନ ଅର୍ଥ ମିଳିବାରେ ବିଳମ୍ବ

**ତିହିଡ଼ି, ୧୮।୭ (ଡି.ଏନ.ଏ.)**

### ହୋଇପାରୁନି ଭିତ୍ତିଭୂମି ବିକାଶ


ପାଳିଆବିନ୍ଧା ବିରଞ୍ଚିନାରାୟଣ ମାଧବ ଅର୍ଜୁନ କଲେଜ।

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ପାଳିଆବିନ୍ଧାସ୍ଥିତ ବିରଞ୍ଚିନାରାୟଣ ମାଧବ ଅର୍ଜୁନ(ବିଏନ୍ଏମ୍ଏ) କଲେଜର ଭିତ୍ତିଭୂମି ବିକାଶ ପାଇଁ ବିଶ୍ୱବ୍ୟାଙ୍କ ପକ୍ଷରୁ ୧୦ କୋଟି ଟଙ୍କାର ସହାୟତା ରାଶି ମଞ୍ଜୁର ହୋଇଥିଲା। ଏହି ଅନୁଦାନ ଅର୍ଥ ମିଳିବାରେ ଅହେତୁକ ବିଳମ୍ବ ଘଟିଛି। ଫଳରେ କଲେଜର ଭିତ୍ତିଭୂମି ବିକାଶ ହୋଇପାରୁ ନାହିଁ। ଦୁଇମାସ ପୂର୍ବେ କଲେଜର ଅଧ୍ୟକ୍ଷ ଡ. ଅଜିଜୁର ରହେମାନ ଓଏମ୍‌ୟୁରେ ସ୍ୱାକ୍ଷର କରିସାରିଥିଲେ ମଧ୍ୟ ଅନୁଦାନ ଅର୍ଥ ମିଳିପାରି ନାହିଁ ବୋଲି ଜଣାଯାଇଛି।

ଉଲ୍ଲେଖନୀୟ ଯେ, ୨୦୧୭ରେ ରାଜ୍ୟ ସରକାରଙ୍କ ଜରିଆରେ ଅର୍ଥ ସହାୟତା ସକାଶେ କଲେଜ ପକ୍ଷରୁ ଆବେଦନ କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଚିଠି ନମ୍ବର ୬୬୩/୨।୩।୧୯ ଅନୁଯାୟୀ କଲେଜକୁ ୧୦କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି ଟଙ୍କାରେ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ନିମନ୍ତେ ହଷ୍ଟେଲ ନିର୍ମାଣ, ଆବଶ୍ୟକ ଶ୍ରେଣୀଗୃହ, ଅତ୍ୟାଧୁନିକ ପାନୀୟଜଳ ବ୍ୟବସ୍ଥା ଓ ଶୌଚାଳୟ, ଲାବୋରେଟୋରି, ପାଠାଗାର ଓ କମ୍ପ୍ୟୁଟର ଗୃହ, ସ୍ୱତନ୍ତ୍ର ବିଭାଗ ପ୍ରକୋଷ୍ଠ ନିର୍ମାଣ ଓ ସ୍ୱତନ୍ତ୍ର ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା ହେବା ସହ କଲେଜରେ ଥିବା ବିଭିନ୍ନ ସମସ୍ୟାର ଦୂରୀକରଣ ହୋଇପାରିବ ବୋଲି କୁହାଯାଇଥିଲା। ୟୁଜିସି ନାକ୍ ମାନ୍ୟତାପ୍ରାପ୍ତ ଜିଲାର ଏହି ପୁରାତନ ଶିକ୍ଷାନୁଷ୍ଠାନର ନବୀକରଣ ପାଇଁ ଉଦ୍ଦିଷ୍ଟ ଏହି ସହାୟତା ରାଶି ମିଳିବାରେ ବିଳମ୍ବ ହୋଇଛି। ପୂର୍ବତନ ଅଧ୍ୟକ୍ଷ ପ୍ରାଧ୍ୟାପକ କମଳାକାନ୍ତ ବିଶ୍ୱାଳଙ୍କ ଉଦ୍ୟମକ୍ରମେ ମଞ୍ଜୁର ହୋଇଥିବା ଅନୁଦାନ ତୁରନ୍ତ ମିଳିବା ଲାଗି ବର୍ତ୍ତମାନର ଅଧ୍ୟକ୍ଷ ଡ. ରହେମାନ ଉଦ୍ୟମ କରୁଥିଲେ ମଧ୍ୟ ଏଥିରେ ଅହେତୁକ ବିଳମ୍ବ ଘଟିଛି। ଏ ସମ୍ପର୍କରେ ଅଧ୍ୟକ୍ଷ ଡ. ରହେମାନ ବିଶ୍ୱବ୍ୟାଙ୍କ ଅର୍ଥରାଶି ପାଇଁ ସେ ତତ୍ପରତା ପ୍ରକାଶ କରିଛନ୍ତି। ଏପରିକି ଓଏମ୍‌ୟୁରେ ସ୍ୱାକ୍ଷର କରିଥିଲେ ମଧ୍ୟ ସହାୟତା ରାଶି ମିଳିବାରେ ବିଳମ୍ବ ହେବା ପରିତାପର ବିଷୟ ବୋଲି ସେ କହିଛନ୍ତି।

# ପରିବାରକୁ ସହାୟ ହେବାରେ ଆତ୍ମତୃପ୍ତି ନିଆରା


ଚା' ଦୋକାନରେ ଶୁଭାରାଣୀ।

**ଭଦ୍ରକ ଅଫିସ,୧୮।୭**

ଦାରିଦ୍ର୍ୟ ଓ ଅସହାୟତା ଆଗରେ ହାର୍ ନ ମାନି ମନୋବଳକୁ ଦୃଢ କରି ଏକ ଚା' ଦୋକାନ କରି ପରିବାର ସମ୍ଭାଳୁଛନ୍ତି ଶୁଭାରାଣୀ। ଦୀର୍ଘ ୧୨ ବର୍ଷ ଧରି ବରପଦା ବଜାରରେ ସେ ଏହି ଦୋକାନ କରିଆସୁଛନ୍ତି। ସରକାର ଓ ପ୍ରଶାସନଠାରୁ କୌଣସି ସହାୟତା ମିଳି ନ ଥିଲେ ମଧ୍ୟ ସେ ନିଜେ ପରିଶ୍ରମ କରି ଅସହାୟ ମା' ଓ ସାନ ଭଉଣୀ ଭାଇଙ୍କୁ ସାହା ହୋଇ ବେଶ୍ ଆତ୍ମତୃପ୍ତି ପାଇ ପାରୁଛନ୍ତି ବୋଲି କହିଛନ୍ତି।

ଶୁଭାରାଣୀଙ୍କ ଜୀବନ ସଂଘର୍ଷର କାହାଣୀ ଶୁଣିଲେ ଯେ କେହି ସମବେଦନା ନ ଜଣାଇ ରହିପାରନ୍ତି ନାହିଁ। ଗରିବ, ଅସହାୟ ଲୋକଙ୍କ ଲାଗି ସରକାର ଅନେକ ଯୋଜନା କରୁଥିବା ବେଳେ ଏଭଳି ଅସହାୟ ପରିବାର ସେଥିରୁ ବଞ୍ଚିତ ହେବା ଏକ ବିଡ଼ମ୍ବନା। ଶୁଭାରାଣୀ କହନ୍ତି, ତାଙ୍କ ବାପା ବାବୁଲାଲ ବେହେରା ଦୀର୍ଘ ୧୫ ବର୍ଷ ହେବ ଘରଛାଡ଼ି କେଉଁଆଡ଼େ ଚାଲିଯାଇଛନ୍ତି। ତାଙ୍କ ବଡ଼ ଭଉଣୀ ମଧ୍ୟ ୧୨ବର୍ଷ ଧରି ବାପାଙ୍କ ଭଳି ପାଗଳ ହୋଇ କେଉଁଆଡ଼େ ପଳାଇ ଯାଇଛନ୍ତି। ଏଭଳି ସ୍ଥିତିରେ ଘରେ ଥିବା ଦୁଇ ସାନ ଭାଇ ଓ ଜଣେ ଭଉଣୀଙ୍କୁ ମଣିଷ କରିବା ଏବଂ ମା' ସୁଶୀଳା ବେହେରାଙ୍କୁ ସାହା ହେବା ଲାଗି ସେ ୮ମ ଶ୍ରେଣୀରୁ ପାଠ ପଢା ଛାଡି ଚା' ଦୋକାନକୁ ଆଦରି ନେଇଛନ୍ତି। ଏହାମଧ୍ୟରେ ଜଣେ ବଦାନ୍ୟ ବ୍ୟକ୍ତି ତାଙ୍କର ସାନ ଭଉଣୀଙ୍କୁ ନେଇ ଏକ ଶିକ୍ଷାନୁଷ୍ଠାନରେ ପାଠ ପଢାଉଛନ୍ତି।

୨୪ ବର୍ଷ ବୟସ୍କା ଶୁଭାରାଣୀଙ୍କ ଘର ଭଦ୍ରକ ବ୍ଲକ ଦଇସିଂ ପଞ୍ଚାୟତ କୁସୁନନଗର ଡଙ୍କାଗଡିଆ ଗ୍ରାମରେ। ଘରଠାରୁ କିଛି ଦୂର ବରପଦା ବଜାରରେ ସେ ଚା' ଦୋକାନ କରି ପରିବାର ଚଳାଉଛନ୍ତି। ଦୋକାନରୁ ଯାହା ରୋଜଗାର ହୁଏ, ସେଥିରେ ଦୁଇ ସାନ ଭାଇଙ୍କ ପାଠପଢା ସମେତ ଘର ଖର୍ଚ୍ଚ ତୁଲାଇ ଆସୁଛନ୍ତି। ପ୍ରଶାସନଠାରୁ ଆରମ୍ଭ କରି ରାଜନେତା ସମସ୍ତେ ତାଙ୍କ ପରିବାରର ଅସହାୟତାକୁ ଅଣଦେଖା କରି ଆସିଥିବା ଶୁଭାରାଣୀ କ୍ଷୋଭର ସହ କହିଛନ୍ତି। ତଥାପି ପରିସ୍ଥିତି ଆଗରେ ସେ ହାର୍ ନ ମାନି ମନୋବଳକୁ ଦୃଢ଼ କରି ପରିବାର ଲାଗି ନିଜେ ରୋଜଗାର କରିପାରିଛନ୍ତି। ପାଠ ପଢ଼ିବାକୁ ବହୁ ଇଚ୍ଛା ଥିଲେ ବି ସେଥିରୁ ବଞ୍ଚିତ ହୋଇ ଏବେ ସାନ ଭାଇଙ୍କୁ ଶିକ୍ଷିତ କରିବା ଲକ୍ଷ୍ୟରେ ଦିନ ବିତାଉଛନ୍ତି।

# ମହାସମାଧାନ ଶିବିରରେ ୧୦୨ ଅଭିଯୋଗ


ଶିବିରରେ ଲୋକଙ୍କଠାରୁ ଅଭିଯୋଗପତ୍ର ଗ୍ରହଣ କରାଯାଉଛି।

**ଧାମନଗର, ୧୮।୭ (ଡି.ଏନ.ଏ.)**

ଧାମନଗର ବ୍ଲକସ୍ତରୀୟ ମହାସମାଧାନ ଶିବିର ଅସୁରାଳି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ଞାନ ଦାସ ଏହାକୁ ଉଦ୍‌ଘାଟନ କରିବା ସହ ଅଭିଯୋଗ ଗ୍ରହଣ କରିଥିଲେ। ଉପଜିଲାପାଳ ପୀତାମ୍ବର ସାମଲ, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ବିଡିଓ ଦୁର୍ଗାଚରଣ ମୁର୍ମୁ ଅଭିଯୋଗ ତର୍ଜମା କରିଥିଲେ। ସିଡିପିଓ ନମିତା ଦାସ, ବ୍ଲକ ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ହରେନ୍ଦ୍ର ଦେହୁରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦେବେନ୍ଦ୍ର ନାୟକ, ଜିପିଓ ସୂର୍ଯ୍ୟମଣି ରାଉତ, ପ୍ରଗତି ସହାୟକ ମାନସ ଜେନା, ବ୍ଲକ ଯୋଗାଣ ଅଧିକାରୀ ମନୋରଞ୍ଜନ ମହାପାତ୍ର, ଜିଲା ଚିକିତ୍ସାଧିକାରୀ ଡା. ପ୍ରଦୀପ ଖୁଣ୍ଟିଆ ଓ ପ୍ରାଣୀ ଚିକିତ୍ସାଧିକାରୀ ଡା. ନିରାକାର ଜେନା ପ୍ରମୁଖ ଅଭିଯୋଗ ଶୁଣାଣିରେ ସହଯୋଗ କରିଥିଲେ। ମୋଟ ୧୦୨ଟି ଅଭିଯୋଗ ଗ୍ରହଣ ହୋଇଥିବା ବେଳେ ଜିଲାପାଳଙ୍କ ଦ୍ୱାରା ୯୫ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଯାଇଛି। ୩ ଦିବ୍ୟାଙ୍ଗଙ୍କୁ ହୁଇଲଚେୟାର ଓ ମଧୁବାବୁ ପେନ୍‌ସନ ଯୋଜନାରେ ୪ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ସାମାଜିକ ସୁରକ୍ଷା, ଖାଦ୍ୟ ଯୋଗାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଗ୍ରାମ୍ୟରାସ୍ତା, ସାଳନ୍ଦୀ ନଦୀ ସଂସ୍କାର, ମାର୍କେଟ କମ୍ପ୍ଲେକ୍ସ, ସ୍ୱାସ୍ଥ୍ୟ ଏବଂ ପରିମଳ ଉପରେ ଅଧିକାଂଶ ଅଭିଯୋଗ ହୋଇଥିଲା। ଅସୁରାଳି ସରପଞ୍ଚ ରାଜେନ୍ଦ୍ର ସାହୁ ଶିବିର ପରିଚାଳନା କରିଥିଲେ। ବ୍ଲକ ଉପାଧ୍ୟକ୍ଷା ବିଳାସିନୀ ଘୋଷ, ଜିଲାପରିଷଦ ସଭ୍ୟ ମନୋଜ ମଲ୍ଲିକ, ସଭ୍ୟା ଉମାମଣି ସାହୁ, ବିଧାୟକ ପ୍ରତିନିଧି ଅଶୋକ ପୁହାଣଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ।

### ନବକିଶୋରଙ୍କୁ ସହାୟତାର ହାତ ବଢ଼ାଇଲା ପ୍ରଶାସନ

**ବନ୍ତ, ୧୮।୭ (ଡି.ଏନ.ଏ.)**

ବନ୍ତ ବ୍ଲକ ପଧାନପଡ଼ା ଗ୍ରାମର ନରେନ୍ଦ୍ର ସାମଲଙ୍କ ପୁଅ ନବକିଶୋର(୧୬)ଙ୍କୁ ବ୍ଲକ ପ୍ରଶାସନ ସହାୟତାର ହାତ ବଢ଼ାଇଛି। ବର୍ଷକ ତଳେ ନବକିଶୋର ଗଛରୁ ପଡ଼ିଯିବାରୁ ତାଙ୍କର ମେରୁଦଣ୍ଡ ଭାଙ୍ଗି ଯାଇଥିଲା। ତାଙ୍କ ବାପା ଜଣେ ଦିନମଜୁରିଆ ହୋଇଥିବାରୁ ଅର୍ଥାଭାବ ଯୋଗୁ ସେ ସମ୍ପୂର୍ଣ୍ଣ ଚିକିତ୍ସିତ ହୋଇପାରି ନ ଥିଲେ। ଏବେ ସେ ଘରେ ରହୁଥିବା ବେଳେ କୌଣସି କାର୍ଯ୍ୟ କରିବାକୁ ସକ୍ଷମ ନୁହନ୍ତି। ବିଡିଓ ରେବେକା ବିଲୁଙ୍ଗ ଜିଲା ରେଡ୍‌କ୍ରସ ପାଣ୍ଠିରୁ ତାଙ୍କୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ସେହିପରି ବ୍ଲକ ପ୍ରଶାସନ ପକ୍ଷରୁ ତାଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଛି। ବୁଧବାର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିଶାକର ଖୁଣ୍ଟିଆ ଓ ଅନ୍ୟ କର୍ମଚାରୀମାନେ ପଧାନପଡ଼ାକୁ ଯାଇ ତାଙ୍କୁ ଟ୍ରାଇସାଇକେଲ ପ୍ରଦାନ କରିଥିଲେ।

### ବାତ୍ୟା ସହାୟତା ନ ମିଳିଲେ ଧାରଣା

**ଆରଡ଼ି, ୧୮।୭ (ଡି.ଏନ.ଏ.)**

ଚାନ୍ଦବାଲି ବ୍ଲକ ଆରଡ଼ି ପଞ୍ଚାୟତର ବାତୋଳଠାରେ ଗୁରୁବାର ନବନିର୍ମାଣ କୃଷକ ସଙ୍ଗଠନର ବୈଠକ ଅନୁଷ୍ଠିତ ହୋଇଯାଇଛି। ନୀହାର କିଶୋର ରାୟ ସଭାପତିତ୍ୱ କରିଥିଲେ। ବାତ୍ୟା 'ତିତ୍‌ଲି' ସହାୟତା ରାଶି ଅଦ୍ୟାବଧି ଆରଡ଼ି, ନାନ୍ଦପୁର, ଓଳଗ ଓ ସୁନ୍ଦରପୁର ପଞ୍ଚାୟତର କୃଷକମାନେ ପାଇ ନ ଥିବା ନେଇ ଆଲୋଚନା କରାଯାଇଥିଲା। ଏ ନେଇ ଏକ ଦାବିପତ୍ର ଭଦ୍ରକ ଜିଲାପାଳଙ୍କୁ ପ୍ରଦାନ କରାଯିବାକୁ ସ୍ଥିର ହୋଇଥିଲା। ଦାବିପତ୍ର ଦିଆଯିବାର ୧୫ ଦିନ ମଧ୍ୟରେ ସହାୟତା ରାଶି ନ ମିଳିଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ କୃଷକମାନେ ନିଷ୍ପତ୍ତି ନେଇଛନ୍ତି। ଜିଲା ଉପଦେଷ୍ଟା ଗଗନ ଚନ୍ଦ୍ର ପାଗଳ, ଧାମନଗର ବ୍ଲକ ସଂଯୋଜକ ପୀତବାସ ମହାନ୍ତି, ଚାନ୍ଦବାଲି ବ୍ଲକ ସହସଂଯୋଜକ ଦୁଃଶାସନ ବିଶ୍ୱାଳ, ଶ୍ରୀରାମ ଦାସ, ରତ୍ନାକର ବିଶ୍ୱାଳ, ନଦିଆଚାନ୍ଦ ବିଶ୍ୱାଳ, ଜଗବନ୍ଧୁ ଗାହାଣ, ପ୍ରମୋଦ ରାୟ, ଯୋଗେଶ ଚନ୍ଦ୍ର ମହାନ୍ତି ଓ ଅଲେଖ ଜେନା ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ୪ ପଞ୍ଚାୟତର ପ୍ରାୟ ୨୦୦ରୁ ଅଧିକ କୃଷକ ବୈଠକରେ ଉପସ୍ଥିତ ଥିଲେ।

# ହରିଶ୍ଚନ୍ଦ୍ର ଯୋଜନା ବାଟବଣା

**ବନ୍ତ, ୧୮।୭ (ଡି.ଏନ.ଏ.)**

ସାଧାରଣ ଗରିବ ଲୋକଙ୍କୁ ସହାୟତା ଯୋଗାଇ ଦେବା ଲକ୍ଷ୍ୟରେ ରାଜ୍ୟ ସରକାର ମୃତଦେହ ସତ୍କାର ନିମନ୍ତେ ହରିଶ୍ଚନ୍ଦ୍ର ଯୋଜନା ମାଧ୍ୟମରେ ୨ ହଜାର ଟଙ୍କା ପ୍ରଦାନ କରିବାର ବ୍ୟବସ୍ଥା କରିଛନ୍ତି। ଜଣେ ଲୋକ ମରିବାର କିଛି ସମୟ ମଧ୍ୟରେ ଏହି ଟଙ୍କା ମିଳିବାର ନିୟମ ରହିଛି। ମାତ୍ର ମାସ ମାସ ବିତିଯାଉଥିଲେ ମଧ୍ୟ ମୃତକଙ୍କ ପରିବାରକୁ ଟଙ୍କା ମିଳୁ ନ ଥିବା ଅଭିଯୋଗ ହୋଇଛି। ଏହାର ବାସ୍ତବ ଚିତ୍ର ବନ୍ତ ବ୍ଲକ ନିଳୋକ ସମେତ ଅନ୍ୟ କେତେକ ପଞ୍ଚାୟତରେ ଦେଖିବାକୁ ମିଳିଛି।

ବ୍ଲକର ନିଳୋକ ଗ୍ରାମର ବିନୋଦ ସାହୁଙ୍କ ମାସକ ତଳେ ମୃତ୍ୟୁ ଘଟିଛି। ହରଶ୍ଚନ୍ଦ୍ର ଯୋଜନାରେ ଟଙ୍କା ତାଙ୍କ ପରିବାରକୁ ଏଯାଏ ମିଳିପାରି ନାହିଁ। ସେହିପରି ସାଧୁଚରଣ ସେଠୀଙ୍କର ଦୁଇମାସ ତଳେ ଓ ସାବିତ୍ରୀ ବେହେରାଙ୍କର ୬ ମାସ ତଳେ ମୃତ୍ୟୁ ଘଟିଥିଲା। ସେମାନଙ୍କ ପରିବାରକୁ ମଧ୍ୟ ଏହି ଅର୍ଥ ମିଳି ନ ଥିବା ଅଭିଯୋଗ ହୋଇଛି। ଏ ସମସ୍ତ ପରିବାର ପକ୍ଷରୁ ପଞ୍ଚାୟତରେ ଟଙ୍କା ପାଇବା ନେଇ ଆବେଦନ କରାଯାଇଥିଲା। ବହୁଦିନ ବିତିଯାଇଥିଲେ ମଧ୍ୟ ସେମାନଙ୍କୁ ଅର୍ଥ ପ୍ରଦାନ କରାଯାଇ ନାହିଁ। ଅପରପକ୍ଷେ ରାମଚନ୍ଦ୍ରପୁର, ଟିଲୋ ଆଦି ପଞ୍ଚାୟତରେ ଆକାଉଣ୍ଟ ନମ୍ବର ଭୁଲ୍ ଥିବା ଯୋଗୁ ଟଙ୍କା ପ୍ରଦାନରେ ସମସ୍ୟା ସୃଷ୍ଟି ହେଉଛି। ପ୍ରଶାସନର କହିବା ଅନୁଯାୟୀ, ପୂର୍ବରୁ ଏହି ଯୋଜନାରେ ଟଙ୍କା ପଞ୍ଚାୟତ ହାତକୁ ଆସୁଥିଲା। ଏବେ ଜଣେ ଲୋକ ମରିବା ପରେ ସମ୍ପୃକ୍ତ ପରିବାର ପକ୍ଷରୁ ନିର୍ଦ୍ଧାରିତ ଫର୍ମରେ ପଞ୍ଚାୟତରେ ଆବେଦନ କରିବେ। ପରେ ବ୍ଲକ ସ୍ତରରେ ଏହାକୁ ଅନ୍‌ଲାଇନରେ ଛାଡ଼ିବା ପରେ ମୃତ ବ୍ୟକ୍ତିଙ୍କ ନାମରେ ସମ୍ପୃକ୍ତ ପଞ୍ଚାୟତକୁ ଅର୍ଥ ଆସିଲେ ଆବେଦନକାରୀଙ୍କୁ ଦିଆଯାଉଛି। ବ୍ଲକର ୩/୪ଟି ପଞ୍ଚାୟତରେ ଆକାଉଣ୍ଟ ନମ୍ବର ଜିଲା ପଞ୍ଚାୟତ କାର୍ଯ୍ୟାଳୟରେ ଭୁଲ୍ ରହିଛି। ଫଳରେ ସମ୍ପୃକ୍ତ ପଞ୍ଚାୟତଗୁଡ଼ିକୁ ଟଙ୍କା ଆସିବାରେ ସମସ୍ୟା ହେଉଛି। ଚଳିତ ମାସ ସୁଦ୍ଧା ବନ୍ତ ବ୍ଲକରେ ୭୦ ମୃତକଙ୍କ ପରିବାରକୁ ଏହି ସହାୟତା ମିଳିଥିବାର ଜଣାଯାଇଛି। ଏ ସମ୍ପର୍କରେ ନିଳୋକ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ପଣ୍ଡାଙ୍କୁ ପଚାରିବାରୁ ସମ୍ପୃକ୍ତ ମୃତ ବ୍ୟକ୍ତିଙ୍କ ତାଲିକା ବ୍ଲକରେ ଦାଖଲ କରାଯାଇଛି, ଏପର୍ଯ୍ୟନ୍ତ ସେ ବାବଦରେ ଟଙ୍କା ଆସି ନାହିଁ ବୋଲି କହିଥିଲେ। ବିଡିଓ ରେବେକା ବିଲୁଙ୍ଗ କହିଛନ୍ତି, ଯେଉଁ ପଞ୍ଚାୟତରେ ଆକାଉଣ୍ଟ ନମ୍ବର ଭୁଲ୍ ଥିଲା ସେଗୁଡ଼ିକୁ ସଂଶୋଧନ କରିବା ଲାଗି ଡିପିଓ ଅଫିସକୁ କୁହାଯାଇଛି। ନିଳୋକ ପଞ୍ଚାୟତ ଆକାଉଣ୍ଟକୁ ସମ୍ପୃକ୍ତ ମୃତ ବ୍ୟକ୍ତିଙ୍କ ବାବଦ ଅର୍ଥ ପଠାଯାଇ ସାରିଛି। ପିଇଓ ଟଙ୍କା ଉଠାଇ ଦେବେ ବୋଲି ସେ କହିଛନ୍ତି।

# 'ଶିକ୍ଷା କେବଳ ପରୀକ୍ଷାଖାତାରେ ସୀମିତ ନ ରହୁ'

**ବନ୍ତ/ଭଣ୍ଡାରିପୋଖରୀ, ୧୮।୭ (ସ୍ୱ.ପ୍ର./ଡି.ଏନ.ଏ.)**


ଆଲୋଚନାଚକ୍ରରେ ଉପସ୍ଥିତ ଛାତ୍ରୀଛାତ୍ର।

ବନ୍ତ ବ୍ଲକ ତରାଗୋ ଉଚ୍ଚ ବିଦ୍ୟାଳୟରେ 'ସମାଜର ରୂପାନ୍ତରରେ ମୂଲ୍ୟବୋଧଭିତ୍ତିକ ଶିକ୍ଷାର ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିବେକାନନ୍ଦ ଯୁବ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ନାଆଁମୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ବିଷ୍ଣୁପ୍ରସାଦ ଜେନା ଯୋଗଦେଇ କହିଥିଲେ, ପରିବର୍ତ୍ତନଶୀଳ ସମାଜରେ ବ୍ୟବହାରିକ ଶିକ୍ଷାର ଅଭାବ ଓ ତତ୍ତ୍ୱଭିତ୍ତିକ ଶିକ୍ଷାର ଗୁରୁତ୍ୱ କେତେକାଂଶରେ ଶିକ୍ଷାର ମାନକୁ ହ୍ରାସ କରିଛି। ଶିକ୍ଷା କେବଳ ପରୀକ୍ଷାଖାତାରେ ସୀମିତ ନ ରହି ଜୀବନରେ ବ୍ୟବହାର ହୋଇପାରିଲେ ପ୍ରକୃତ ଲକ୍ଷ୍ୟ ସାଧିତ ହୋଇପାରିବ ବୋଲି ସେ କହିଥିଲେ। ଶିକ୍ଷାବିତ୍ ପ୍ରତାପ ଚନ୍ଦ୍ର ପଣ୍ଡା, ଶିକ୍ଷକ ଗୋଲକ ଚନ୍ଦ୍ର ନାୟକ, କୋଦଣ୍ଡଧର ସେଠୀ, ଚିନ୍ତାମଣି ମଲିକ, ପ୍ରଫୁଲ୍ଲ କୁମାର ରାଉତ ଓ ସୁପ୍ରିୟା ଦାଶ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଶିକ୍ଷକ ଅଭିମନ୍ୟୁ ରାଉତ ଆଲୋଚନାଚକ୍ରକୁ ସଞ୍ଚାଳନ କରିଥିଲେ। ଅଧ୍ୟାପକ ବିନାୟକ ଘୋଷ ଅତିଥି ପରିଚୟ ପ୍ରଦାନ, ଅଧ୍ୟାପକ ବନମାଳୀ ପଣ୍ଡା ସ୍ୱାଗତ ଭାଷଣ ଓ ଛାତ୍ରୀ ଅନ୍ନପୂର୍ଣ୍ଣା ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶିକ୍ଷା କର୍ମଚାରୀ ବନମାଳୀ ପ୍ରଧାନ, ଅଜିତ ପଟ୍ଟନାୟକ, ଗଜେନ୍ଦ୍ର ଦାଶ, ଦେବାଶିଷ ପଟ୍ଟନାୟକ, ଚକ୍ରଧର ଦାଶ, ଲିଜାରାଣୀ ନାଥ ଓ ଇତିଶ୍ରୀ ଦତ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଖବରଦାତାଙ୍କ ସୁରକ୍ଷା ଦାବି

**ଭଦ୍ରକ ଅଫିସ, ୧୮।୭**

କେନ୍ଦ୍ରାପଡ଼ାରେ କାର୍ଯ୍ୟରତ ଖବରଦାତାଙ୍କୁ ଏସ୍‌ପିଙ୍କ ଦୁର୍ବ୍ୟବହାର ଘଟଣାକୁ ଭଦ୍ରକ ଜିଲାରେ କାର୍ଯ୍ୟରତ ଖବରଦାତାମାନେ ତୀବ୍ର ନିନ୍ଦା କରିଛନ୍ତି। ଖବରଦାତାମାନଙ୍କ ସୁରକ୍ଷା ଏବଂ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଏସ୍‌ପିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ମାଧ୍ୟମରେ ଗୁରୁବାର ଅପରାହ୍ନରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲା ତଥା ସହରରେ କାର୍ଯ୍ୟରତ ଖବରଦାତାମାନେ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟରେ ଉପଜିଲାପାଳ ପୀତାମ୍ବର ସାମଲଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ସହରର ବିଭିନ୍ନ ବୈଦ୍ୟୁତିକ ଓ ଛାପା ଗଣମାଧ୍ୟମ ପ୍ରତିନିଧି ଏହାର ନେତୃତ୍ୱ ନେଇଥିଲେ।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଖବରଦାତାମାନେ।

# ୨୨ ବିଦ୍ୟାଳୟରେ ନାହିଁ ଶୌଚାଳୟ

**ବନ୍ତ, ୧୮।୭ (ଡି.ଏନ.ଏ.)**


ଏକ ବିଦ୍ୟାଳୟରେ ଶୌଚାଳୟ ଟାଙ୍କି ନଷ୍ଟ ହୋଇଯାଇଛି।

■କେତେକ ସ୍ଥାନରେ ଅଧାପନ୍ତରିଆ

■ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗିରୁଜି ଗଲାଣି

କେନ୍ଦ୍ର ସରକାର ସ୍ୱଚ୍ଛ ବିଦ୍ୟାଳୟ ଅଭିଯାନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ବିଭିନ୍ନ ବିଦ୍ୟାଳୟରେ ଶୌଚାଳୟ ନିର୍ମାଣର ବ୍ୟବସ୍ଥା କରାଯାଉଛି। ପୂର୍ବରୁ ରାଜ୍ୟ ସରକାରଙ୍କ ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ବିଭିନ୍ନ ବିଦ୍ୟାଳୟରେ ଶୌଚାଳୟ ନିର୍ମାଣ କରାଯାଉଥିଲା। ବର୍ତ୍ତମାନ ପଞ୍ଚାୟତିରାଜ ବିଭାଗ ଦ୍ୱାରା ସମସ୍ତ ପଞ୍ଚାୟତକୁ ନିର୍ମାଣ ଦାୟିତ୍ୱ ଦିଆଯାଇଛି। ହେଲେ ଭଦ୍ରକ ଜିଲା ବନ୍ତ ବ୍ଲକରେ ଅନେକ ବିଦ୍ୟାଳୟରେ ଶୌଚାଳୟ ବ୍ୟବସ୍ଥା ନ ଥିବା ଦେଖିବାକୁ ମିଳିଛି।

ପ୍ରକାଶ ଯେ, ଏହି ବ୍ଲକରେ ମୋଟ ୨୪୬ଟି ବିଦ୍ୟାଳୟ ରହିଛି। ସେଥିମଧ୍ୟରୁ ୨୨୪ ବିଦ୍ୟାଳୟରେ ଶୌଚାଳୟ ବ୍ୟବସ୍ଥା ରହିଥିବା ବେଳେ ୨୨ ବିଦ୍ୟାଳୟରେ ନିର୍ମାଣ କରାଯାଇ ନାହିଁ। ଶୌଚାଳୟ ନ ଥିବାରୁ ଛାତ୍ରୀଛାତ୍ର ନାନା ଅସୁବିଧା ଭୋଗୁଛନ୍ତି। ଆଉ କେତେକ ବିଦ୍ୟାଳୟରେ ଶୌଚାଳୟ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ରହିଥିବା ବେଳେ କେତେକ ସ୍ଥାନରେ ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗିରୁଜି ନଷ୍ଟ ହୋଇଗଲାଣି। ବସନ୍ତିଆ ପଞ୍ଚାୟତ ବରକୋଣାସ୍ଥିତ ରାମନାରାୟଣ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୨୦୧୪ ମସିହାରେ ଶୌଚାଳୟ ନିର୍ମାଣ ପାଇଁ ୭୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଏହାମଧ୍ୟରେ ୫ବର୍ଷ ବିତିଗଲାଣି କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଏଭଳି ସମସ୍ୟା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ବାସନ୍ତୀ କୁମାରୀ ମିଶ୍ରଙ୍କୁ ପଚାରିବାରୁ ଯେଉଁସବୁ ସ୍କୁଲରେ ଶୌଚାଳୟ ନାହିଁ ସେସବୁର ତାଲିକା ଡିପିସି କାର୍ଯ୍ୟାଳୟକୁ ପଠାଯାଇଛି ଏବଂ ଅଧାପନ୍ତରିଆ କାର୍ଯ୍ୟ ତୁରନ୍ତ ସାରିବାକୁ ଜେଇଙ୍କୁ କୁହାଯାଇଥିବା ପ୍ରକଶ କରିଛନ୍ତି।

ଧରିତ୍ରୀ
DHARITRI
ବାଲେଶ୍ୱର, ଶୁକ୍ରବାର, ୧୯ ଜୁଲାଇ, ୨୦୧୯



## ସଂକ୍ଷେପରେ

### ବାଇକ୍ ସହ ମହୁଲି ମଦ ଜବତ

**ଚମ୍ପୁଆ, ୧୮।୭ (ଡି.ଏନ.ଏ) :** ଚମ୍ପୁଆ ଅବକାରୀ ବିଭାଗ ପକ୍ଷରୁ ପର୍ଶଲାଠାରେ ଏକ ବାଇକ୍‌ରେ ବିକ୍ରି ପାଇଁ ଯାଉଥିବା ମହୁଲି ମଦ ସହ ଗାଡ଼ି ଜବତ କରାଯାଇଛି। ଗୁରୁବାର ସକାଳ ୯ଟା ବେଳେ ଝୁମ୍ପୁରାରୁ ରିମୁଳି ଆଡ଼କୁ ଆସୁଥିବା ଉକ୍ତ ବାଇକ୍‌କୁ ଅବକାରୀ ବିଭାଗ ପାଟ୍ରୋଲିଂ କରୁଥିବା ବେଳେ ପର୍ଶଲା ଛକ ନିକଟରେ ଅଟକାଇଥିଲା। ଅବକାରୀ ଅଧିକାରୀଙ୍କୁ ଦେଖି ବାଇକ୍ ଆରୋହୀ ଓ ସହଯୋଗୀ ଗାଡ଼ି ଛାଡ଼ି ଦୌଡ଼ି ପଳାଇଥିଲେ। ବାଇକ୍‌ରେ ଟଙ୍ଗା ହୋଇଥିବା ଦୁଇଟି ବ୍ୟାଗ୍‌ରୁ ପଲିଥିନରେ ବନ୍ଧା ହୋଇଥିବା ୪୦ ଲିଟର ମହୁଲି ମଦ ବିଭାଗ ଦ୍ୱାରା ଜବତ ହୋଇଥିଲା। ସେହିପରି ଜ୍ୟୋତିପୁରଠାରେ ଚଢ଼ାଉ କରି ୧୦ ଲିଟର ମହୁଲି ଜବତ କରାଯାଇଥିବା ସବଇନ୍ସପେକ୍ଟର ନରେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

### ଏସିଆନ ଚାମ୍ପିୟନଶିପ୍‌ରେ ଭାଗ ନେବେ ମଧୁସ୍ମିତା



**କେନ୍ଦୁଝର, ୧୮।୭ (ସ୍ୱ.ପ୍ର.):** ଏସିଆନ ତାଏକୋଣ୍ଡୋ ଚାମ୍ପିୟନଶିପରେ ଭାଗ ନେବା ପାଇଁ ଜାତୀୟ ଦଳରେ କେନ୍ଦୁଝର ଝିଅ ମଧୁସ୍ମିତା ମହାନ୍ତି ମନୋନୀତ ହୋଇଛନ୍ତି। ତାଙ୍କ ଘର କେନ୍ଦୁଝର ଶିଶୁଭବନ ରୋଡରେ । ତାଏକୋଣ୍ଡୋ ଫେଡେରେଶନ ଅଫ ଇଣ୍ଡିଆ ପକ୍ଷରୁ ଜାମ୍ମୁ ଠାରେ ଅନୁଷ୍ଠିତ ହୋଇଥିବା ଚୟନ ଶିବିରରେ ମଧୁସ୍ମିତା ଯୋଗ୍ୟ ବିବେଚିତ ହୋଇ ଏହି ସମ୍ମାନ ଜନକ ପ୍ରତିଯୋଗିତାରେ ଭାଗ ନେବା ପାଇଁ ସୁଯୋଗ ପାଇଥିବା ଜଣାପଡିଛି। ଏନେଇ ସେ ଜାତୀୟ ଶିବିରରେ ଦୀର୍ଘ ୮ ଦିନ ଧରି ଅଭ୍ୟାସ କରିବା ପରେ ଗୁରୁବାର ଭାରତରୁ ଯାଇଥିବା ଜଣାପଡିଛି । ଏହି ପ୍ରତିଯୋଗିତା ଆସନ୍ତା ୧୮ରୁ ୨୨ ପର୍ଯ୍ୟନ୍ତ ଓମାନରେ ହେବାକୁ ଥିବା ବେଳେ ତାଙ୍କ ମ୍ୟାଚ ୨୦ ତାରିଖରେ ହେବ ବୋଲି ଜଣାପଡିଛି। ଏଣୁ ତାଙ୍କର ସଫଳତା ପାଇଁ ସମସ୍ତେ କାମନା କରି ଶୁଭେଚ୍ଛା ଜଣାଇଛନ୍ତି। ସେ ପ୍ରଥମ ଓଡିଆ ଝିଅ ଭାବରେ ଭାଗ ନେବାକୁ ସୁଯୋଗ ପାଇଥିବାରୁ ଏହା ରାଜ୍ୟ ତଥା ଜିଲା ପାଇଁ ଗୌରବର ବିଷୟ ବୋଲି ତାଙ୍କ ପିତା ଜିତେନ୍ଦ୍ର କୁମାର ମହାନ୍ତି ଆଶାବ୍ୟକ୍ତ କରିଛନ୍ତି। ୫ ବର୍ଷ ବୟସରୁ ଖେଳ ଆରମ୍ଭ କରିଥିବା ମଧୁସ୍ମିତା ପୂର୍ବରୁ ଜାତୀୟ ସ୍ତରରେ ବହୁ ବାର ଭାଗ ନେଇ ମେଡାଲ ହାସଲ କରିଛନ୍ତି। ମା'ଙ୍କ ପ୍ରେରଣା ଓ ବାପାଙ୍କ ସମର୍ଥନ ତାଙ୍କୁ ଏଭଳି ଶୀର୍ଷକୁ ନେଇ ପାରିଥିବା ସେ କହିଛନ୍ତି। ଖେଳ ସହିତ ପାଠ ପଢ଼ାରେ ମଧ ଦକ୍ଷ। ମଧୁସ୍ମିତା ଗୀତ, ଚିତ୍ରାଙ୍କନରେ ମଧ ବେଶ ପାରଙ୍ଗମ।

### ମଦ ପିଇବାକୁ ବାରଣ କରିବାରୁ ଛୁରାମାଡ଼, ୨ ଆହତ

**ଯୋଡ଼ା, ୧୮।୭ (ଡି.ଏନ.ଏ.):** ଯୋଡ଼ା ଥାନା ଅନ୍ତର୍ଗତ ଲେଙ୍ଗଡା ହଟିଂଠାରେ ମଦ ପିଇବାକୁ ବାରଣ କରିବାରୁ ୨ ଜଣଙ୍କୁ ଛୁରାମାଡ଼ କରାଯାଇଛି। ଆହତଦ୍ୱୟ ହେଲେ ରୁକ୍ମିଣୀ ପାତ୍ର ଓ ତାଙ୍କ ଜ୍ୱାଇଁ ସୁରେନ୍ଦ୍ର ପୂର୍ତି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଜଣେ ନାବାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି। ବୁଧବାର ରାତି ପ୍ରାୟ ସାଢ଼େ ୯ଟା ବେଳେ ଲକ୍ଷ୍ମୀପଡ଼ିଆରେ କେତେକ ଯୁବକ ମଦ ପିଉଥିଲେ। ରୁକ୍ମିଣୀ ଓ ତାଙ୍କ ସମ୍ପର୍କୀୟ ଜ୍ୱାଇଁ ସୁରେନ୍ଦ୍ର ସେମାନଙ୍କୁ ବାରଣ କରିଥିଲେ। ଏଥିରେ କ୍ରୋଧାନ୍ୱିତ ହୋଇ ଯୁବକମାନଙ୍କ ମଧରେ ଥିବା ଉକ୍ତ ନାବାଳକ ସେମାନଙ୍କୁ ଛୁରିରେ ଆକ୍ରମଣ କରି ସେଠାରୁ ଫେରାର ହୋଇଯାଇଥିଲେ। ଆହତ ରୁକ୍ମିଣୀ ଓ ସୁରେନ୍ଦ୍ରଙ୍କୁ ଟାଟାଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରକାଶଥାଉ କି, ଗତ କିଛିଦିନ ହେବ ଯୋଡ଼ା ସହରରେ ଅସାମାଜିକ ଯୁବକଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ତେବେ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି ହେଉ ନ ଥିବା ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ଅଭାବରୁ ଏଭଳି ଅପରାଧ ଘଟିବାରେ ଲାଗିଛି।

# ଦନ୍ତା ଆକ୍ରମଣରେ ନାବାଳକ ଗୁରୁତର

- ଅଳ୍ପକେ ବର୍ତ୍ତିଲେ ପରିବାରର ଅନ୍ୟ ସଦସ୍ୟ
- ଖାଦ୍ୟ ଅନ୍ୱେଷଣରେ ହାତୀ ଗାଁ ମୁହାଁ



ହାତୀ ଉପଦ୍ରବରେ ଭାଙ୍ଗିଥିବା ଘର ଆଗରେ ଜଣେ ମହିଳା ବସିଛନ୍ତି।

**କେନ୍ଦୁଝର, ୧୮।୭(ସ୍ୱ.ପ୍ର.)**

କେନ୍ଦୁଝର ଅଞ୍ଚଳରେ ଥମୁନି ହାତୀ ଉତ୍ପାତ। ଦୀର୍ଘ ୨ମାସ ହେବ ଏହି ଗୋଠ ଛଡ଼ା ଦନ୍ତା ହାତୀ ଉପଦ୍ରବ ଚଳାଇଛି। ବୁଧବାର ବିଳମ୍ବିତ ରାତିରେ ଦନ୍ତା ହାତୀ ପୁଣି ରାୟନ ମୁଣ୍ଡା ନାମକ ଜଣେ ୧୩ ବର୍ଷର ନାବାଳକଙ୍କୁ ଘରୁ ଘୋଷାଡି ନେଇ ପେଟକୁ ଦାନ୍ତରେ ଭୁଶି ଗୁରୁତର କରିପକାଇଛି। ତାଙ୍କ ଘର ସଦର ରେଞ୍ଜ କୁସୁମିତା ଗ୍ରାମର କସିରା ସାହିରେ। ରାୟନ ଘରେ ଘରେ ବାପା, ମା ଓ ଭାଇଙ୍କ ସହିତ ଶୋଇଥିବା ସମୟରେ ରାତି ପ୍ରାୟ ୧୦ଟାରେ ଦନ୍ତା ହାତୀ ଚାଉଳ ଖାଇବା ପାଇଁ ଘରେ ପଶିଗଲା। ଘରର ସମସ୍ତେ ଧାଇଁ ବାହାରକୁ ପଳାଇ ଯାଇଥିଲେ ହେଁ ହାତୀଟି ରାୟନକୁ ଶୁଣ୍ଢରେ ଧରିପକାଇ କଚାଡି ଦାନ୍ତରେ ଭୁଶି ଦେଇଥିଲା। ଫଳରେ ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ରାତି ୧୨ଟାରେ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅବସ୍ଥା ଗୁରୁତର ହେବାରୁ ବନ ବିଭାଗ ପକ୍ଷରୁ ରାୟନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

ଦୀର୍ଘ ଦୁଇମାସ ହେବ ଗୋଠଛଡା ଦନ୍ତା ଆକ୍ରମଣରେ କେନ୍ଦୁଝର ବନଖଣ୍ଡର ସଦର, ଭାଜପା ଓ ଚମ୍ପୁଆ ରେଞ୍ଜର ସୀମା ଅଞ୍ଚଳରେ ଥିବା କୁସୁମିତା, ଶଙ୍କାରୀ, ଜମରଡିହି, ଫୁଲଝର, ରଙ୍ଗାମାଟିଆ, ବିରିନ୍ଦା, ଦଅଁଳା, କାଶିଆ, ବଳଭଦ୍ରପୁର, ଅନ୍ଧାରୀ ଖମଣ, କେନ୍ଦୁଘଟି ପ୍ରଭୃତି ଗାଁରେ ଉତ୍ପାତ କରି ଆସୁଥିବା ବେଳେ ବହୁ ଲୋକଙ୍କୁ ହତାହତ କରିଥିବାରୁ ଲୋକେ ଆତଙ୍କିତ ହୋଇପଡିଛନ୍ତି। ଏଥିଲାଗି ବନବିଭାଗ ଚିନ୍ତାରେ ରହିଛି। କିଛି ଦିନ ମଧ୍ୟରେ କୁସୁମିତା ଘାଟି ଉପରେ ଥିବା ଶୁକ୍ରା ମୁଣ୍ଡାଙ୍କ ଘରକୁ ପଶି ରୋଷେଇ କରି ରଖିଥିବା ଭାତଠାରୁ ଆରମ୍ଭ କରି ଚାଉଳ ସାଇତା ଧାନକୁ ବାହାର କରି ସମ୍ପୂର୍ଣ୍ଣ ଖାଇ ଦେଇ ଥିବା ବେଳେ ପାଠ ପଢୁଥିବା ଝିଅ ଏବଂ ପଡିଶାଘର ତିନିଛୁଆ ସେହିଘରେ ଥିବାବେଳେ ଝରକା ଭାଙ୍ଗିଦେଇ ଧାନଚାଉଳ ଖାଉଥିବା ବେଳେ ଏମାନେ ଦ୍ୱାର ପାଖରେ ନିଶ୍ଚିତ ମୃତ୍ୟୁମୁଖରୁ ବଞ୍ଚିବା ପାଇଁ ପାଖରେ ଥିବା କୁସୁମ ଗଛରେ ଚଢି ଜୀବନ ବଞ୍ଚାଇଥିଲେ ବୋଲି କହିଛନ୍ତି। ସେହିଭଳି ନିକଟରେ ଅଲେଖ ପ୍ରଧାନଙ୍କର ଘର କବାଟକୁ ଭାଙ୍ଗି ବିହନଧାନ ବସ୍ତାକୁ ଆଣି ଖାଇଯିବା ଦେଖିବାକୁ ମିଳିଛି। ସେହିପରି ଗାଁ ମୁଣ୍ଡରେ ଥିବା କୀର୍ତ୍ତନ ଦେହୁରୀଙ୍କ ଝାଟିମାଟି କୁଟୀରକୁ ଭାଙ୍ଗିଦେଇଥିବା ବେଳେ ସମସ୍ତ ଆସବାବପତ୍ରକୁ ଦଳି ନଷ୍ଟ କରିଦେଇଛି। ଘର ପାଖରେ ମଞ୍ଚା ଥିବାରୁ ସେ ମଞ୍ଚାରେ ଚଢି ନିଜ ଜୀବନ ବଞ୍ଚାଇଛନ୍ତି ବୋଲି କହନ୍ତି।ବନ ବିଭାଗ ରାତିରେ ପହଞ୍ଚିଥିଲେ ହେଁ ଦନ୍ତାକୁ ଘଉଡାଇବା ପାଇଁ ବିଫଳ ହେଉଛନ୍ତି। ବନବିଭାଗ ଏଥିପ୍ରତି ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ଗାଁରେ ପଶି ଘର ଭାଙ୍ଗିଲେ

**ଝୁମ୍ପୁରା, ୧୮।୭ (ଡି.ଏନ.ଏ.)**

ବାଲିବନ୍ଧ ଫରେଷ୍ଟ ବିଟ ଅନ୍ତର୍ଗତ ନରଦପୁର ପଞ୍ଚାୟତର ଆଙ୍ଗୁଳିଆ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ହାତୀପଲ ଉତ୍ପାତ ମଚାଇଛନ୍ତି। ଝାଡ଼ଖଣ୍ଡରୁ ପଶି ଆସିଥିବା ଏହି ହାତୀପଲରେ ୧୫ଟି ହାତୀ ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଆଙ୍ଗୁଳିଆ ଗ୍ରାମରେ ରାତିରେ ଘରେ ଶୋଇଥିବା ବେଳେ, ରମେଶ ମୁଣ୍ଡା ଏବଂ ଶିରପାଣି ମୁଣ୍ଡାଙ୍କ ଘର ହାତୀପଲ ଭାଙ୍ଗି ଦେଇଛନ୍ତି। ଉଭୟ ପରିବାର ସଦସ୍ୟ ଅଳ୍ପକେ ହାତୀଙ୍କ ଆକ୍ରମଣରୁ ବର୍ତ୍ତି ଯାଇଛନ୍ତି। ହାତୀପଲ ଆସୁଥିବା ଜାଣି ବାଲିବନ୍ଧ ଫରେଷ୍ଟ କାର୍ଯ୍ୟାଳୟର କର୍ମଚାରୀମାନେ ଆଙ୍ଗୁଳିଆ ଗ୍ରାମରେ ଜଗି ରହିଥିଲେ ହେଁ, ହାତୀପଲଙ୍କୁ ଜଙ୍ଗଲକୁ ଘଉଡାଇବା ପାଇଁ ପ୍ରୟାସ କରିପାରି ନ ଥିଲେ। ହାତୀପଲ ଆଙ୍ଗୁଳିଆ ଗ୍ରାମର ମୁଣ୍ଡା ସାହି ପଟକୁ ମାଡି ଯାଇଥିଲେ। ତେବେ ବନ କର୍ମଚାରୀ ବୁଧବାର ଭୋରରୁ ଚମ୍ପୁଆ ବିଟ ପଟ ଜଙ୍ଗଲକୁ ହାତୀପଲକୁ ଘଉଡାଇବା ପାଇଁ ଅସମର୍ଥ ହୋଇଛନ୍ତି। ହାତୀପଲ ଭାଙ୍ଗିଥିବା ୨ଟି ଘରର କ୍ଷତିପୂରଣ ବନ ବିଭାଗ ପକ୍ଷରୁ ଦିଆଯିବ ବୋଲି ବାଲିବନ୍ଧ ଫରେଷ୍ଟର ଖଗେଶ୍ୱର ବାରିକ ସୂଚନା ଦେଇଛନ୍ତି।

## ସାଳନ୍ଦୀରେ ଗାଧୋଇ ଗାଁରେ ପଶୁଛନ୍ତି ହାତୀ

**ହାଟଡ଼ିହୀ, ୧୮।୭(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ହଦଗଡ଼ ହସ୍ତୀ ଅଭୟାରଣ୍ୟରୁ ହାତୀପଲ ପଡ଼ିଆରୀପଲୀ, ଧର୍ମୁଜୟପୁର, ବାଲିବରେଇ, ସୋସୋ ଆଦି ପଞ୍ଚାୟତର ବିଭିନ୍ନ ଗାଁରେ ପ୍ରାୟ ୩ମାସ ହେଲା ପଶି ଉପଦ୍ରବ ଜାରି ରଖିଛନ୍ତି। ଏହା ଭିତରେ ୩ଜଣଙ୍କୁ ଆକ୍ରମଣ କରି ମାରିଦେଇଥିବା ବେଳେ ହଜାର ହଜାର ଟଙ୍କାର ପଣସ, ସପୁରି, ଆମ୍ବକୁ ନଷ୍ଟ କରିଛି । ୩ଟି ହାତୀ ଜଙ୍ଗଲ ଯିବାକୁ ନାଁ ଧରୁନାହାନ୍ତି। ସୋସୋ, ଦନେଇପୁର, ପାଟକନା ଅଞ୍ଚଳରେ ରହୁଛି। ସାଳନ୍ଦୀ ନଦୀରେ ଗାଧୋଇ ମଜା ଉଠାଉଥିବା ବେଳେ ତୋଟାରେ ନିଜ ଇଚ୍ଛାରେ ବୁଲୁଛନ୍ତି। ତୋଟା ଗୁଡ଼ିକରେ ସପୁରୀ ପଣସ ସରିଯାଇଥିବାରୁ ଗାଁ ବସ୍ତି ଭିତରକୁ ହାତୀ ପଶିବାକୁ ଆରମ୍ଭ କରିଦେଇଛି । ଏହାକୁ ନେଇ ବନବିଭାଗ ବିଭିନ୍ନ କୌଶଳ ଅବଲମ୍ବନ କରିଥିଲେ ମଧ ହାତୀକୁ ଜଙ୍ଗଲ ଭିତରକୁ ନେବା ପାଇଁ ବିଫଳ ହୋଇଛନ୍ତି। ପ୍ରତ୍ୟେକ ଦିନ ୨୫ରୁ ଊର୍ଦ୍ଧ୍ୱ ଏଲିଫ୍ୟାଣ୍ଟ ସ୍କ୍ୱାର୍ଡ, ବନବିଭାଗ କର୍ମଚାରୀ, ଫରେଷ୍ଟର, ରେଞ୍ଜର ହାତୀକୁ ଘଉଡ଼ାଇବା ପାଇଁ ବୁଲିବା ସହିତ ଅନ୍ୟ ଜିଲାରୁ ହାତୀ ବିଶେଷଜ୍ଞ ଆସି ହାତୀକୁ ଘଉଡ଼ାଇବା ପାଇଁ ଚେଷ୍ଟା କରୁଥିଲେ ମଧ ହାତୀ ଅମାନିଆ ହେଉଛନ୍ତି। ତାଛଡ଼ା କର୍ମଚାରୀଙ୍କ ଠାରୁ ହାତୀ ଏତେ ଚତୁର ଯେ କର୍ମଚାରୀମାନେ ଗୋଟିଏ ବାଟରେ ଜଗିଲେ ହାତୀ ଅନ୍ୟ ବାଟଦେଇ ଚମ୍ପଟ ମାରୁଛି । ମହୁ ଚାଷ ହେଲେ ମହୁମାଛି ସେହି ତୋଟାରେ ରହିବା ସହିତ ଗୁଣୁଗୁଣୁ ଶବ୍ଦ କରିବେ । ଏହି ଶବ୍ଦ ହାତୀଙ୍କ କାନରେ ବାଜିଲେ ସେ ସ୍ଥାନ ପରିତ୍ୟାଗ କରିବେ ବୋଲି ବନବିଭାଗ ଆଶା ବାନ୍ଧିଛି। ଏହାକୁ ନେଇ ସେ ଅଞ୍ଚଳର ଚାଷୀ ମାନଙ୍କୁ ନେଇ ଏକ ବୈଠକ କରିବାକୁ ଯୋଜନା କରିଥିବା ରେଞ୍ଜର ସୁରେନ୍ଦ୍ର ହେମ୍ବ୍ରମ କହିଛନ୍ତି ।

## ଆଶ୍ରମ ସ୍କୁଲରେ ଛାତ୍ରୀଙ୍କୁ ଅସଦାଚରଣ

- ପ୍ରଧାନ ଶିକ୍ଷକ ଗିରଫ, ପୋଲିସର ତଦନ୍ତ ଜାରି

**କେନ୍ଦୁଝର,୧୮।୭ (ସ୍ୱ.ପ୍ର.)**

କେନ୍ଦୁଝର କାଞ୍ଜିପାଣିରେ ଥିବା ଆଶ୍ରମ ସ୍କୁଲରେ ଛାତ୍ରୀମାନଙ୍କୁ ନିର୍ଯାତନା ଦିଆଯିବା ସହ ଅସଦାଚରଣ କରାଯାଉଛି । ପ୍ରଧାନଶିକ୍ଷକ ଅଧିକାଂଶ ସମୟରେ ଛାତ୍ରୀମାନଙ୍କୁ ନିଜର ବ୍ୟକ୍ତିଗତ କାମରେ ଲଗାଉଥିବା ଅଭିଯୋଗ ହୋଇଛି । ଏହି ଅଭିଯୋଗକୁ ଭିତ୍ତି କରି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଏନେଇ କାଞ୍ଜିପାଣି ଥାନାରେ ଏକ ମାମଲା (ନଂ.୪୧/୨୦୧୯) ରୁଜୁ ହୋଇଛି । ଅଭିଯୁକ୍ତ ପ୍ରଧାନଶିକ୍ଷକ ଅର୍ଜୁନ କୁମାର ମହନ୍ତଙ୍କୁ ପୋଲିସ ଗିରଫ କରି ଗୁରୁବାର ସନ୍ଧ୍ୟାରେ କୋର୍ଟଚାଲାଣ କରିଛି। ପୋଲିସ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି । ଆଦିବାସୀ ଉନ୍ନୟନ ବିଭାଗ ଅଧୀନରେ ଚାଲିଥିବା ଉକ୍ତ ସ୍କୁଲରେ ଏପରି ଘଟଣା ପଦାକୁ ଆସିବା ପରେ ଛାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅଭିଯୋଗ ଅନୁଯାୟୀ, ଦୀର୍ଘଦିନ ଧରି ପ୍ରଧାନଶିକ୍ଷକ ମହନ୍ତ ଛାତ୍ରୀମାନଙ୍କୁ ନିଜ କକ୍ଷକୁ ଡାକି ବିଭିନ୍ନ ପ୍ରକାର କାମ କରାଇବା ସହ ଅସଦାଚରଣ କରିଆସୁଥିଲେ। ଏନେଇ ଜଣେ ଛାତ୍ରୀ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକ ଏନେଇ ପ୍ରଧାନଶିକ୍ଷକ ତଥା ମାଟ୍ରନଙ୍କୁ ଜଣାଇ ନ୍ୟାୟ ନ ପାଇବାରୁ ଜିଲା ମଙ୍ଗଳ ଅଧିକାରୀଙ୍କ ପାଖରେ ଗତ ବୁଧବାର ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଗୁରୁବାର ଜିଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାସ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଦେବାଙ୍ଗନା ବାରିକ ବିଦ୍ୟାଳୟକୁ ଯାଇ ତଦନ୍ତ କରିଥିଲେ। ଅଭିଯୋଗ ସତ୍ୟ ବୋଲି ପ୍ରମାଣ ମିଳିବା ପରେ କାଞ୍ଜିପାଣି ଥାନାରେ ସଂପୃକ୍ତ ଛାତ୍ରୀଙ୍କ ବାପା ଏତଲା ଦେଇଥିଲେ। ଏହାପରେ ପୋଲିସ ତାଙ୍କୁ ଗିରଫ କରିଥିଲା । ଅନ୍ୟପକ୍ଷେ ଦୋଷୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ମଙ୍ଗଳ ଅଧିକାରୀ କହିଛନ୍ତି। କେନ୍ଦୁଝରଠାରୁ ପ୍ରାୟ ୨୫ କି.ମି. ଦୂର କାଞ୍ଜିପାଣିରେ ଉକ୍ତ ଆଶ୍ରମ ବିଦ୍ୟାଳୟ ରହିଛି । ସେହି ସ୍କୁଲ ହଷ୍ଟେଲରେ ୧୧୦ ଜଣ ଛାତ୍ରୀ ରହୁଛନ୍ତି।

## ଚିକିତ୍ସା ପାଇଁ ଖଟିଆରେ ବୁହାହୋଇ ଆସିଲେ ମହିଳା

**ଆନନ୍ଦପୁର,୧୮।୭(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଘସିପୁରା ବ୍ଲକ ଗୋହିରାବଣି ଗ୍ରାମର ଜଣେ ଅସୁସ୍ଥ ମହିଳାଙ୍କୁ ଖଟିଆରେ ୨ କି.ମି. ବୋହିବା ପରେ ଏକ ଅଟୋରିକ୍ସାରେ ଆଣି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଗ୍ରାମର ଦୁରାମ ହୋଙ୍କ ସ୍ତ୍ରୀ ବିଟି ୩ ଦିନ ହେଲା ଜ୍ୱରରେ ପୀଡିତ ଥିଲେ। ଗୁରୁବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିବାରୁ ପରିବାର ଲୋକେ ତାଙ୍କୁ ଖଟିଆରେ ବୋହି ୫୩ ନଂ. ରାଜ୍ୟ ରାଜପଥ ପର୍ଯ୍ୟନ୍ତ ଆଣିଥିଲେ । ପରେ ଏକ ଅଟୋରିକ୍ସାରେ ତାଙ୍କୁ ବସାଇ ଡାକ୍ତରଖାନାକୁ ଅଣାଯାଇଥିଲା ।

ଘସିପୁରା ବ୍ଲକ ଗୋହିରାବଣି ଗାଁ ଠାରୁ ମୁଖ୍ୟରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏଥିପାଇଁ ସେହି ରାସ୍ତା ଦେଇ କୌଣସି ଯାନବାହନ ଯାତାୟାତ କରିପାରୁନି । ଗାଁକୁ ଭଲ ରାସ୍ତା ନାହିଁ। ରୋଗୀ ଅବସ୍ଥା ଗୁରୁତର ହେଲେ ଗାଁକୁ ଆମ୍ବୁଲାନ୍ସ ମଧ ଆସିପାରୁ ନାହିଁ ବୋଲି ଗାଁ ଲୋକେ କହିଛନ୍ତି ।

## କୁଶେଇ ସେତୁ ଲାଗି ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା



ଜାତୀୟ ରାଜପଥରେ ଗାଡ଼ି ଗୁଡ଼ିକ ଯାଞ୍ଚ କରାଯାଉଛି।

**ଆନନ୍ଦପୁର,୧୮।୭(ସ୍ୱ.ପ୍ର.)**

୨୦ ନଂ ଜାତୀୟ ରାଜପଥର ବେଲବାହାଳି ଠାରେ ଥିବା ବ୍ରିଟିଶ ଅମଳର କୁଶେଇ ସେତୁ ଏବେ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ମାତ୍ରାଧିକ ଯାନବାହାନ ସେତୁ ଭୁଶୁଡିବା ଆଶଙ୍କାକୁ ବୃଦ୍ଧି କରିଛି। ଏପରିକି ବିପଦ ସଙ୍କୁଳ ଏହି ସେତୁ ଉପରେ ବିଭିନ୍ନ ସମୟରେ ଦୁର୍ଘଟଣାମାନ ବୃଦ୍ଧି ପାଇବାରେ ଲାଗିଛି। ଗୋଟିଏ ପଟେ ଅଧାଗଢା ନୂଆ ସେତୁ କାର୍ଯ୍ୟ ଛାଡି ଠିକାଦାର ଛୁ ମାରିଥିବାବେଳେ ସମସ୍ତ ଯାନାବାହନ ପୁରଣା ସେତୁ ଉପରେ ନିର୍ଭର କରୁଛନ୍ତି। ପୁରୁଣା ସେତୁ ବି ମରାମତି ହେଉନି। ଫଳରେ ଜାତୀୟ ରାଜପଥରେ ବିପଦ ବଢିବାରେ ଲାଗିଛି। ଏହି ଘଟଣାକୁ ନେଇ ଘସିପୁରାବାସୀ ଘସିପୁରା ବ୍ଲକରେ ଅନୁଷ୍ଠିତ ହୋଇଯାଇଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟରେ ଜିଲାପାଳ ଆଶିଷ ଠାକରେଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ଏହି ସେତୁର ମରାମତି ଦିଗରେ ପଦକ୍ଷେପ ନିଆଯିବ ବୋଲି କହିବା ସହିତ ନୂଆ ସେତୁର ସ୍ଥିତି ସମ୍ପର୍କରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବେ ବୋଲି କହିଥିଲେ। ତେବେ ପୁରୁଣା କୁଶେଇ ସେତୁରେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଟୋଲଗେଟ୍ କର୍ତ୍ତୃକ୍ଷଙ୍କ ସହିତ ଆଲୋଚନା କରି ସେତୁର ଉଭୟପାର୍ଶ୍ୱରେ ଦୁଇ ଜଣ କର୍ମଚାରୀଙ୍କୁ ଟ୍ରାଫିକ୍ ନିୟନ୍ତ୍ରଣ ନିମନ୍ତେ ମୁତୟନ କରାଯାଇଛି। ଏଥିରେ ଟ୍ରାଫିକ୍ ସମସ୍ୟା କେତେକାଂଶରେ ନିୟନ୍ତ୍ରଣ ହୋଇଥିଲେ ସୁଦ୍ଧା ପୁରୁଣା ସେତୁର ତୁରନ୍ତ ମରାମତି କରାଯିବା ଆବଶ୍ୟକ ବୋଲି ଘସିପୁରା ବ୍ଲକ ପୂର୍ବତନ ଅଧକ୍ଷ ଦେବାଶିଷ ପାତ୍ର କହିଛନ୍ତି।

## ତାରିଣୀ ଷ୍ଟୋର ଗୋଦାମରୁ ଚୋରି

**ଝୁମ୍ପୁରା, ୧୮।୭(ଡି.ଏନ.ଏ.)**

ଝୁମ୍ପୁରା ଥାନା ଅନ୍ତର୍ଗତ ତାରିଣୀ ଷ୍ଟୋର ରାଶନ ଦୋକାନର ଗୋଦାମ ଗୃହରୁ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ଜିନିଷ ଚୋରି ହୋଇଥିବା ନେଇ ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ସିସିଟିଭି ଫୁଟେଜ ଏବଂ ପୋଲିସର ତଦନ୍ତ ଆଧାରରେ ଜଣା ପଡିଛି ଯେ, ଚୋରିରେ ୪ରୁ ଊର୍ଦ୍ଧ୍ୱ ସମ୍ପୃକ୍ତ ଅଛନ୍ତି। ବିଳମ୍ବିତ ରାତିରେ ଏକ ପିକଅପ ଭ୍ୟାନ ଯୋଗେ ଗୋଦାମର ଜିନିଷ ଚୋରି ହୋଇଛି। ଥାନାଠାରୁ ଗୋଦାମର ଦୂରତା ମାତ୍ର ୩୦୦ମିଟର ହୋଇଥିବାବେଳେ ଗାଡି ଛିଡା କରାଇ ଦୀର୍ଘ ସମୟ ପର୍ଯନ୍ତ ଚୋର ଗ୍ୟାଙ୍ଗ ଆରାମରେ ଜିନିଷ କାଢି ଗାଡିରେ ଲୋଡ କରିଛନ୍ତି ହେଲେ ମଧ ପୋଲିସ ଜାଣିପାରି ନାହିଁ। କିଛି ବର୍ଷ ହେଲା ଏହି ଅଞ୍ଚଳରେ ଚୋରି, ଲୁଟ ବଢି ଚାଲିଛି। ଅନୁପ୍ରବେଶକାରୀଙ୍କ ବେନିୟମ ଭାବେ ବସତି ସ୍ଥାପନ ସହିତ ନାନା ପ୍ରକାର ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ଝୁମ୍ପୁରା ବଜାରରେ ଚର୍ଚ୍ଚା ଜୋର ଧରିଛି। ବହୁ ସଂଖ୍ୟାରେ ବାହାର ରାଜ୍ୟରୁ ଆସି ସରକାରୀ ଜାଗା ମାଡି ବସିଥିବା ଲୋକଙ୍କର ପରିଚୟ ବ୍ଲକ ପ୍ରଶାସନ, ଥାନାରେ ନାହିଁ, ଏଣୁ ଚୋରି, ରାସ୍ତାଲୁଟ କରି ସେମାନଙ୍କୁ ଖସିଯିବା ସହଜ ହେଉଛି। ଥାନା ଦାୟିତ୍ୱରେ ଥିବା ଏସଆଇ ଏଫ ଟିଗାଙ୍କୁ ଏସମ୍ପର୍କରେ ପଚାରିବାରୁ ସନ୍ଦେହ କରାଯାଉଥିବା ଲୋକଙ୍କୁ ଥାନାକୁ ଆଣି ପଚରାଉଚରା କରାଯାଉଛି। ଶୀଘ୍ର ସେମାନଙ୍କୁ ଧରାଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ୩୨ ଦିନରେ ଅନଶନ

- ଅନଶନକାରୀଙ୍କୁ ଉଠାଇଲା ପୋଲିସ

**ଚମ୍ପୁଆ, ୧୮।୭(ଡି.ଏନ.ଏ)**

ଏସଆର କମ୍ପାନୀ ଦେଇଥିବା ପ୍ରତିଶ୍ରୁତି ପୂରଣ କରୁ ନ ଥିବା ଅଭିଯୋଗରେ ଚମ୍ପୁଆ ଉପଜିଲାପାଳ କାର୍ଯ୍ୟାଳୟ ଆଗରେ ୩୨ ଦିନ ଧରୀ ବଡକାଲିମାଟି ପଞ୍ଚାୟତର ୧୯ଜଣ ଅନଶନରେ ବସିଛନ୍ତି। ଅନଶନ ସ୍ଥଳରେ ପୋଲିସ ପକ୍ଷରୁ ପୁଣି ଗୁରୁବାର ୧୪୪ ଧାରା ଲାଗୁକରାଯାଇଛି। ମାତ୍ର ଅନଶନକାରୀମାନେ ଏହାକୁ ମାନିବେ ନାହିଁ ବୋଲି ସିଧା ମନାକରିଦେବା ପରେ ପୋଲିସ ଅନଶନକାରୀଙ୍କୁ ସେଠାରୁ ଉଠାଇଦେଇଥିବା ଦେଖିବାକୁ ମିଳିଛି। ସୂଚନା ଯୋଗ୍ୟ କି କମ୍ପାନି ନିର୍ମାଣ ହେବା ସମୟରେ ବଡକାଲିମାଟି ଅଞ୍ଚଳରେ ଶିକ୍ଷା, ଗମନା ଗମନ, ଆଲୋକ, ପାନୀୟଜଳ ଯୋଗାଇବା ସହ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବାର ପ୍ରତଶ୍ରୁତି ଦେଇଥିଲେ ହେଁ ତାହା ପୂରଣ କରୁ ନଥିବା ଅଭିଯୋଗରେ ଜୁନ ୧୭ ତାରିଖ ମଧରାତ୍ରରୁ ଅନଶନ ଆରମ୍ଭ କରିଥିଲେ। ବିଭିନ୍ନ ସମୟରେ ପ୍ରଶାସନିକ ଅଧିକାରୀ ମାନେ ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ ମଧ କୌଣସି ସୁଫଳ ମିଳିନଥିଲା।ଅନଶନକାରୀଙ୍କୁ ଉଠାଉଛି ପୋଲିସ।



## ଠାକୁରାଣୀଙ୍କୁ ପୂଜାକଲେ ଶତାଧିକ ମହିଳା



ମହାବୀରା ଠାକୁରାଣୀଙ୍କ ନିକଟରେ ବର୍ଷା ଲାଗି ଗ୍ରାମବାସୀ ପୂଜାର୍ଚ୍ଚନା କରୁଛନ୍ତି।

**କେନ୍ଦୁଝର, ୧୮।୭ (ସ୍ୱ.ପ୍ର.)**

ଚଳିତ ବର୍ଷା ଅଭାବରୁ ଅନେକ ସ୍ଥାନରେ ଚାଷ କାର୍ଯ୍ୟ ବ୍ୟାହତ ହୋଇଛି । ଜଳ ଅଭାବରୁ ଅନେକ ଅଞ୍ଚଳରେ ତଳି ମରିବାକୁ ବସଥିବାବେଳେ ଆଉ ଅନ୍ୟ ଅଞ୍ଚଳରେ ତଳି ରୁଆ କାମ ଆରମ୍ଭ ହୋଇ ପାରୁନାହିଁ। ଏଭଳି ହରିଚନ୍ଦନପୁର ବ୍ଲକ ଗାଁ ମାନଙ୍କରେ ଦୀର୍ଘ ଦିନରୁ ପର୍ଯ୍ୟାପ୍ତ ବର୍ଷା ହେଉ ନ ଥିବାରୁ ଅନେକ ସ୍ଥାନରେ ଚାଷ ଜମି ଫାଟି ଆଁ କଲାଣି । ଫଳରେ ଚାଷୀ ମାନେ ଅନିଶ୍ଚତତା ମଧ୍ୟରେ ରହିଥିବା ବେଳେ ସାମନ୍ୟ ବର୍ଷା ହେଲେ ବଜ୍ରପାତ ଘଟି ଜୀବନ ହାନୀ ଘଟୁଛି। ଏଣୁ ଲୋକେ କେଉଁଠି ବେଙ୍ଗ ବାହାଘର ତ କେଉଁଠି ଗ୍ରାମ ଦେବାଦେବୀଙ୍କୁ ମାଜଣା କରି ବର୍ଷାକୁ ଡାକୁଛନ୍ତି। ଏଭଳି ଗୁରୁବାର ଠାକୁରପଡା ପଞ୍ଚାୟତର ରାଇଡିହା ଗ୍ରାମରେ ଭଲ ବର୍ଷା ହେବା ପାଇଁ ଏବଂ ବଜ୍ରପାତରେ ମୃତ୍ୟୁବରଣ କରିଥିବା ଚାଷୀଙ୍କ ଆତ୍ମାର ସଦଗତି ପାଇଁ ଓ ଆଉ ବଜ୍ରପାତ ନ ହେବା ପାଇଁ ଗ୍ରାମ ଠାକୁରାଣୀ ଙ୍କୁ ପୂଜାର୍ଚ୍ଚନା କରିବା ସହ ମାଜଣା କରିଛନ୍ତି। ପୂଜାପାଠ କଲେ ଗ୍ରାମର ସମସ୍ତ ସମସ୍ୟା ଦୂର ହେବ ଓ ଭଲ ବର୍ଷା ହେବ ବୋଲି ଗ୍ରାମବାସୀଙ୍କର ଏକ ପ୍ରକାର ବିଶ୍ୱାସ ରହିଛି।

### ବର୍ଷା ପାଇଁ ମାଜଣା

ଶତାଧିକ ମହିଳା ଏକତ୍ରିତ ହୋଇ ବିଭିନ୍ନ ପାରମ୍ପାରିକ ବାଦ୍ୟ ଯନ୍ତ୍ର ବଜାଇ ଏବଂ ଗୀତ ଗାଇ ମହାବୀରା ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା କରିଛନ୍ତି। ଅକ୍ଷୟତୃତୀୟା ଦିନ ଠାରୁ ଚାଷ କାର୍ଯ୍ୟର ଶୁଭାରମ୍ଭ ହୋଇଥିଲେ ହେଁ ଜଳାଭାବ ଯୋଗୁଁ ୨ ମାସ ହେଲା ଅନେକ ଚାଷୀ ଚାଷ କାର୍ଯ୍ୟ କରିପାରୁନଥିବା ସେମାନେ କହିଛନ୍ତି। ଧାନ ତଳା ପାଣି ଅଭାବରୁ ନାଲିଆ ପଡିଯାଇଥିବା ବେଳେ ମାଟି ଶୁଖି ଫାଟି ଗଲାଣି। ଏଣୁ ଚାଷୀ ମାନେ ମୁଣ୍ଡରେ ହାତଦେଇ ଆକାଶକୁ ଚାହିଁ ବସିଛନ୍ତି। ଏଣୁ ମହାବୀରା ଠାକୁରାଣୀଙ୍କ ଠାରେ ପୂଜାର୍ଚ୍ଚନା କରିବା ବେଳେ ହଠାତ୍ ଅଲୌକିକ ଭାବେ ବର୍ଷା ହୋଇଥିଲା। ଫଳରେ ସେମାନଙ୍କ ମଧରେ ଖୁସିର ଲହରୀ ଖେଳିଯାଇଥିଲା। ବର୍ଷାରେ ଭିଜି ଭିଜି ଖୁସିରେ ପୂଜାର୍ଚ୍ଚନା କରି ଘରକୁ ଫେରିଥିଲେ।